Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 42

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 19 ଅକ୍ଟୋବର୍ 2017    19 ଇଖା 1396 ହି.ଶ    28 ମୋହରମ୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ହଜାର ହଜାର ଲୋକଙ୍କୁ ଖୁଦାତାଲା ଏପରି ସୃଷ୍ଟି କରିଦେଲେ ଯେଉଁମାନଙ୍କ ହୃଦୟରେ ସେ ମୋ ପାଇଁ ପ୍ରେମ ଭରିଦେଲେ । କିଛି ଲୋକ ମୋ ପାଇଁ ଜୀବନ ଦେଇଦେଲେ ଓ କିଛି ଲୋକେ ମୋ ପାଇଁ ନିଜ ଧନ ସମ୍ପତିକୁ ତ୍ୟାଗ କରିଦେଲେ । କିଛି ଲୋକଙ୍କୁ ମୋ ପାଇଁ ହିଁ ତାଙ୍କ ମାତୃଭୁମିରୁ ତାଙ୍କୁ ବାହାର କରିଦିଆଗଲା । ସେମାନଙ୍କୁ ନାନା ଦୁଃଖ କଷ୍ଟ ଦିଆଗଲା । ସେହିପରି ଅନେକ ହଜାର୍ ଲୋକ ଏପରି ଅଛନ୍ତି ଯେଉଁମାନେ ନିଜର ଆବଶ୍ୟକତା ଉପରେ ମୋତେ ଅଗ୍ରାଧିକାର ଦେଇ ନିଜର ପ୍ରିୟ ମାଲ୍ (ଧନସମ୍ପତି) କୁ ମୋ ପାଖରେ ଅଜାଡ଼ି ଦେଲେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

**୭୧-ଏକସ୍ତରୀତମ ନିଦର୍ଶନର ବାକି ଭାଗ-** ସୟଦ୍ ହାମିଦ୍ ସାହେବ୍ ସିଆଲ୍‌କୋଟି ଲେଖୁଛନ୍ତି ଯେ ହାଫିଜ୍ ସୁଲ୍‌ତାନ୍ ସିଆଲକୋଟି ହଜୁରଙ୍କ ବଡ଼ ବିରୋଧି ଥିଲା । ସେ ହେଉଛି ସେହି ବ୍ୟକ୍ତି ଯିଏ ଏ ପଣ କରିଥିଲା ଯେ ସିଆଲ୍‌କୋଟ୍‌ରେ ଆପଣଙ୍କ ଗାଡ଼ି ଯିବା ସମୟରେ ଆପଣଙ୍କ ଉପରେ ପାଉଁଶ ପକାଇବ । ପରିଶେଷରେ ସେ ତାଉନ୍ (Plague) ଦ୍ୱାରା ୧୯୦୬ ମସିହାରେ ହଲାକ୍ ହେଲା । ଓ ତାଙ୍କ ଘରୁ ନଅ ଜଣ ବା ଦଶ ଜଣ ଲୋକ ମଧ୍ୟ ତାଉନ୍ ଦ୍ୱାରା ହଲାକ୍ ହେଲେ । ଏହିପରି ସିଆଲ୍‌କୋଟ୍ ସହରର ସମସ୍ତେ ଜାଣିଛନ୍ତି ଯେ ହକିମ୍ ମହମ୍ମଦ୍ ଶଫିଇ ଯିଏ ବୟତ କରିବା ପରେ ପୁଣି ମୁର୍‌ତଦ୍ (ଇମାନ୍‌ରୁ ଫେରିଯାଇଥିଲେ) ହୋଇଯାଇଥିଲା । ଯିଏ ମଦରସତୁଲ୍ କରୁଆନ୍‌ର ମୁଳଦୁଆ ରଖିଥିଲା, ସେ ଆପଣଙ୍କର ବଡ଼ ବିରୋଧି ଥିଲା, ସେହି ଅଭାଗା ନିଜର ସ୍ୱାର୍ଥ ପାଇଁ ବୟତ୍‌ରେ କାଏମ୍ ରହିପାରିଲା ନାହିଁ ଏବଂ ସିଆଲ୍‌କୋଟ ସହରର ମହଲା ଲୋହାରାଁର ଲୋକମାନଙ୍କ ସହିତ ମିଶିଗଲା, ଯେଉଁମାନେ ଭିଷଣ ବିରୋଧି ଥିଲେ ଓ ଶତୃତା କରୁଥିଲେ । ପରିଶେଷରେ ସେ ମଧ୍ୟ ତାଉନ୍ (Plague) ର ଶିକାର ହେଲା ଓ ତା ସ୍ତ୍ରୀ, ତା ମା ଓ ତା ଭାଇ ସମସ୍ତେ ଗୋଟିକ ପରେ ଗୋଟିଏ ତାଉନ୍‌ରେ ମଲେ । ତା ମଦର୍ସାକୁ ଯେଉଁ ଲୋକମାନେ ସାହାଯ୍ୟ କରୁଥିଲେ ସେମାନେ ମଧ୍ୟ ହଲାକ୍ ହେଲେ । ଏହିପରି ମିର୍ଜା ସର୍ଦାର୍ ବେଗ୍ ସିଆଲ୍‌କୋଟି ଯିଏ ନିଜର କୁ ଭାଷା ଓ ଧୃଷ୍ଟତାରେ ବହୁତ ବଢ଼ିଯାଇଥିଲା ଓ ସବୁବେଳେ ଥଟ୍ଟା ପରିହାସ କରିବା ତାର କାମ ଥିଲା ଏବଂ ପ୍ରତ୍ୟେକ କଥାକୁ ବ୍ୟଙ୍ଗ ଓ କଟାକ୍ଷ କରି ଧୃଷ୍ଟତା କରୁଥିଲା, ସେ ମଧ୍ୟ ଭିଷଣ ତାଉନ୍ ଦ୍ୱାରା ହଲାକ୍ ହେଲା । ଦିନେ ସେ ଦୁଷ୍ଟାମିରେ ଯମାତ୍‌ର ଜଣେ ବ୍ୟକ୍ତିଙ୍କୁ କହିଲା ଯେ କାହିଁକି ତାଉନ୍ ତାଉନ୍ ହେଉଛ । ଆମେ ସେତେବେଳେ ଜାଣିବୁ ଯେବେ ଆମକୁ ତାଉନ୍ ହେବ । ସୁତରାଂ ଏ କଥା କହିବା ଦୁଇଦିନ ପରେ ସେ ତାଉନ୍‌ରେ ମରିଗଲା ।

**୭୨-ବାସ୍ତରିତମ ନିଦର୍ଶନ-** କିଛି ନିଷ୍ଠୁର ବିରୋଧି ଯେଉଁମାନେ ମୋବାହଲା ରୂପେ **ଲାନତୁଲ୍ଲାଃ ଅଲଲ୍ କାଜିବିନ୍** (ଅର୍ଥାତ୍ ଅଲ୍ଲାଃଙ୍କ ଅଭିଷାପ ମିଛୁଆଙ୍କ ଉପରେ ହେଉ ବୋଲି) କହିଥିଲେ । ସେମାନେ ଖୁଦାଙ୍କ କୋପର ଶିକାର ହୋଇ ମରିଲେ । ଯେପରି ମୌଲବୀ ରଶିଦ୍ ଅହେମଦ୍ ଗଙ୍ଗୋହି ପ୍ରଥମେ ଅନ୍ଧହେଲା ପରେ ସାପ କାମୁଡ଼ାରେ ମଲା । ଏବଂ କିଛି ଲୋକ ପାଗଳ ହୋଇ ମରିଗଲେ ଯେପରି ମୌଲବୀ ଶାହ୍‌ଦୀନ୍ ଲୁଧିଆନୁଇ ଏବଂ ମୌଲବୀ ଅବ୍‌ଦୁଲ୍ ଅଜିଜ୍ ଓ ମୌଲବୀ ମହମ୍ମଦ ଓ ମୌଲବୀ ଅବ୍‌ଦୁଲ୍ଲାଃ ଲୁଧିଆନୁଇ ଯେଉଁମାନେ ପ୍ରଥମ ଶ୍ରେଣୀର ମୁଖାଲିଫ୍ (ବିରୋଧି) ଥିଲେ ତିନିଜଣଯାକ ମରିଗଲେ । ସେହିପରି ଅବ୍‌ଦୁର୍ ରହ୍‌ମାନ୍ ମୁହିଉଦ୍ଦିନ୍ ଲଖୋକେଓ୍ୱାଲେ ନିଜର ଏହି ଏଲ୍‌ହାମ୍ ପରେ ମରିଗଲେ ଅର୍ଥାତ୍ ମିଥ୍ୟାବାଦୀଙ୍କ ଉପରେ ଖୁଦାଙ୍କ ଅଜାବ ଅବତୀର୍ଣ୍ଣ ହେବ ।

**୭୩-ତେସ୍ତରୀତମ ନିଦର୍ଶନ-** ଏହିପରି ମୌଲବୀ ଗୁଲାମ୍ ଦସ୍ତଗୀର୍ କସୁରୀ ନିଜ ଆଡ଼ୁ ମୋ ସହିତ ମୋବାହଲା କଲା ଏବଂ ନିଜ ପୁସ୍ତକରେ ଦୁଆ କରିଲା ଯେ ଯିଏ ମିଥ୍ୟାବାଦୀ ତାଙ୍କୁ ଖୁଦା ହଲାକ କରିଦିଅନ୍ତୁ । ପୁଣି ଏହି ଦୁଆର କିଛିଦିନ ପରେ ନିଜେ ହଲାକ ହୋଇଗଲା । ଏହା କେତେବଡ଼ ନିଦର୍ଶନ ବିରୋଧି ମୌଲବୀମାନଙ୍କ ପାଇଁ ଥିଲା ଯଦି ସେମାନେ ବୁଝନ୍ତେ !

**୭୪-ଚଉସ୍ତରୀତମ ନିଦର୍ଶନ -** ଏହିପରି ମୌଲବୀ ମହମ୍ମଦ ହସନ୍ ଭିଁଓ୍ୱାଲା ମୋ ପେଶ୍‌ଗୋଇ ମୁତାବକ ମଲା ଯେପରିକି ମୁଁ ମୋ ପୁସ୍ତକ ମଓ୍ୱାହିବୁର୍ ରହ୍‌ମାନ୍ ରେ ବ୍ୟାଖ୍ୟା କରି ଲେଖିଛି ।

**୭୫-ପଂଚସ୍ତରୀତମ ନିଦର୍ଶନ-** ମୁଁ ମୋ ପୁସ୍ତକ ନୁରୁଲ୍‌ହକ୍ ର ପୃଷ୍ଠା-୩୫ ରୁ ୩୮ ପର୍ଯ୍ୟନ୍ତ ଏ ପେଶ୍‌ଗୋଇ ଲେଖିଛି ଯେ ଖୁଦା ମୋତେ ଖବର ଦେଇଛନ୍ତି କି ରମ୍‌ଜାନ୍ ମାସରେ ଯେଉଁ ଖସୁଫ୍ ଓ କସୁଫ୍ (ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ) ହେଲା, ଏହା ଆସନ୍ନ ଅଜାବ ର ମୁଖବନ୍ଧ ସ୍ୱରୁପ ଅଛି । ସୁତରାଂ ଏହି ପେଶ୍‌ଗୋଇ ମୁତାବକ ଦେଶରେ ଏପରି ତାଉନ୍ ବ୍ୟପିଗଲା ଯେ ଏପର୍ଯ୍ୟନ୍ତ ତିନି ଲକ୍ଷ୍ୟ ପାଖାପାଖି ଲୋକ ମରିଗଲେଣି ।

**୭୬-ଛଅସ୍ତରୀତମ ନିଦର୍ଶନ -** ବରାହିନେ ଅହେମଦୀୟା ପୁସ୍ତକରେ ମୋ ନିମନ୍ତେ ଖୁଦାତାଲାଙ୍କର ଏହି ପେଶ୍‌ଗୋଇ ଅଛି - **ଅଲ୍‌କୟତୁ ଅଲୈକା ମହବ୍‌ବତମ୍ ମିନ୍ନି ୱ ଲି ତୁସ୍‌ନିଅ ଅଲା ଅଇନି** ଅର୍ଥାତ୍- ଖୁଦାତାଲା କହୁଛନ୍ତି କି ମୁଁ ତୋ ପ୍ରେମକୁ ଲୋକଙ୍କ ହୃଦୟରେ ରଖିବି ଓ ମୁଁ ନିଜ ଆଖି ସାମନାରେ ତୋର ପ୍ରତିପାଳନ କରିବି । ଏହା ସେ ସମୟର ଏଲ୍‌ହାମ୍ ଅଛି ଯେଉଁ ସମୟରେ ଜଣେ ମଧ୍ୟ ବି ମୋ ସହିତ ସମ୍ପର୍କ ରଖି ନଥିଲା । ପୁଣି ଗୋଟିଏ ଯୁଗ ପରେ ଏ ଏଲ୍‌ହାମ୍ ପୁରଣ ହେଲା ଓ ହଜାର ହଜାର ଲୋକଙ୍କୁ ଖୁଦାତାଲା ଏପରି ସୃଷ୍ଟି କରିଦେଲେ ଯାହାଙ୍କ ହୃଦୟରେ ସେ ମୋ ପ୍ରେମକୁ ଭରିଦେଲେ । କିଛି ଲୋକ ମୋ ପାଇଁ ଜୀବନ ଦେଇଦେଲେ ଓ କିଛି ଲୋକ ମୋ ପାଇଁ ନିଜ ଧନ ସମ୍ପତିକୁ ଶେଷ କରିଦେଲେ । ଓ କିଛି ଲୋକଙ୍କୁ ମୋ ପାଇଁ ତାଙ୍କ ମାତୃଭୁମିରୁ ବାହାର କରିଦିଆଗଲା ଓ ସେମାନଙ୍କୁ ନାନା ଦୁଃଖ କଷ୍ଟ ଦିଆଗଲା । ସେହିପରି ହଜାର ହଜାର ଲୋକ ଏପରି ଅଛନ୍ତି ଯେଉଁମାନେ ନିଜର ଆବଶ୍ୟକତା ଉପରେ ମୋତେ ଅଗ୍ରାଧିକାର ଦେଇ ନିଜର ପ୍ରୀୟ ମାଲ୍ (ଧନସମ୍ପତି) କୁ ମୋ ପାଖରେ ଅଜାଡ଼ି ଦେଉଛନ୍ତି ।* ଓ ମୁଁ ଦେଖୁଅଛି ଯେ ସେମାନଙ୍କ ହୃଦୟ ପ୍ରେମରେ ପରିପୁର୍ଣ୍ଣ । ଓ ବହୁତ ଲୋକ ଏପରି ଅଛନ୍ତି ଯଦି ମୁଁ ତାଙ୍କୁ କହିବି ଯେ ସେ ନିଜର ମାଲ୍ (ଧନସମ୍ପତି) କୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରନ୍ତୁ, ବା ନିଜ ଜୀବନକୁ ମୋ ପାଇଁ ଉତ୍ସର୍ଗ କରନ୍ତୁ ବୋଲି ତେବେ ସେମାନେ ଏଥିପାଇଁ ପ୍ରସ୍ତୁତ ଅଛନ୍ତି । ଯେତେବେଳେ ମୁଁ ଏପରି ନିଷ୍ଠା ଓ ଉଦ୍ଦେଶ୍ୟକୁ ନିଜ ଯମାତ୍‌ରେ ଅଧିକାଂଶ ଲୋକଙ୍କ ମଧ୍ୟରେ ପାଉଛି ସେତେବେଳେ ସ୍ୱତଃପ୍ରୃତଃ ଭାବେ ମୋତେ କହିବାକୁ ପଡୁଛି ଯେ ହେ ମୋର କାଦିର (ଶକ୍ତିଶାଳୀ) ଖୁଦା ! ବାସ୍ତବରେ ଅଣୁ ଅଣୁ ଉପରେ ତୋର ଅଧିକାର ଅଛି । ତୁ ସେହି ହୃଦୟଗୁଡିକୁ ଏପରି ଦୟନୀୟ (ଫିତ୍‌ନା ଓ ଫସାଦ୍) ସମୟରେ ମୋ ପ୍ରତି ଆକର୍ଷଣ କରାଇଛୁ ଓ ସେମାନଙ୍କୁ ଦୃଢ଼ତା ପ୍ରଦାନ କରିଛୁ । ଏହା ତୋ ଶକ୍ତିର ମହାନ ନିଦର୍ଶନ ଅଟେ ।

**(ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୩୮-୨୪୦)**

*ହାଶିଆଃ : ମୁଁ ମୋ ଲେଖାର ଏହି ପର୍ଯ୍ୟନ୍ତ ପଂହଚି ଥିଲି ଏବଂ ଏହି ବାକ୍ୟକୁ ଲେଖିସାରିଥିଲି ଯେ ସେହି ସମୟରେ ଜଣେ ନିଷ୍ଠାପର ବନ୍ଧୁଙ୍କ ଚିଠି ମିଳିଲା ଯିଏ ମୋ ସିଲ୍‌ସିଲାରେ ଦାଖଲ ଅଛନ୍ତି ଓ ଯେହେତୁ ସେହି ଚିଠିଟି ଏହି ବାକ୍ୟଟିକୁ ଲେଖୁଥିବା ସମୟରେ ମିଳିଲା ଏବଂ ତା ମୁତାବକ ଥିଲା । ସେଥିଯୋଗୁଁ ନିମ୍ନରେ ତାକୁ ଲେଖୁଅଛି ଏବଂ ତାହା ହେଉଛି ଏପରି-

ମୋର ବଡ଼ ଅଭିଳାଶା ଅଛି ଯେ କୟାମତ ଦିନ ହଜୁରଙ୍କ ଛତ୍ରଛାୟାତଳେ ବାବର୍‌କତ୍ ଯମାତ୍‌ରେ ସାମିଲ୍ ହେବି ଯେମିତି ଏବେ ହୋଇଛି -ଆମିନ୍ । ହଜୁରେ ଆଲି ଅଲ୍ଲାଃତାଲା ଖୁବ୍ ଜାଣିଛନ୍ତି ଯେ ଏ ଅଧମକୁ ହଜୁର୍‌ଙ୍କ ସହିତ ଏତେ ପ୍ରେମ ହୋଇଯାଇଛି ଯେ, ମୋର ସବୁ ଧନ ଓ ଜୀବନ ଆପଣଙ୍କ ପାଇଁ ଉତ୍ସର୍ଗ । ଓ ମୁଁ ହଜାରେ ଜୀବନ ସହିତ ଆପଣଙ୍କ ପାଇଁ ଉତ୍ସର୍ଗୀକୃତ (କୁର୍ବାନୀ) ହେଉଛି । ମୋର ଭାଇ ଓ ମୋ ମା' ବାପା ଆପଣଙ୍କ ପାଇଁ ଉତ୍ସର୍ଗ ହୁଅନ୍ତୁ । ଖୁଦା ମୋର ଅନ୍ତ ଆପଣଙ୍କ ପ୍ରେମ ଓ ଇତାଅତ୍ (ଅନୁସରଣ) ରେ କରନ୍ତୁ । ଆମିନ୍ - **ମି ପରିଦମ୍ ସୁଏ କୋଏ ତୁ ମଦାମ୍ ମନ୍ ଗର୍ ମଇଦାଶ୍‌ତମ୍ ବାଲ୍ ୱ ପରେ-**

ଖାକ୍‌ସାର୍ (ଅଧମ) ସୟଦ୍ ନାସିର୍ ଶାହ୍ ଓଭରସିୟର୍ ସ୍ଥାନ ବାରାମୁଲା କାଶ୍ମୀର ୧୫ଅଗଷ୍ଟ ୧୯୦୬ ମସିହା । ବାସ୍ତବରେ ଏହି ନିଷ୍ଠାବାନ୍ ଯୁବକ ଜଣକ ଅତ୍ୟନ୍ତ ନିଷ୍ଠାର ସହିତ ପାଖାପାଖି ଦୁଇହଜାର୍ ଟଙ୍କା ବା ତତୋଧିକ ସେ ନିଜ ମୋହବ୍‌ବତ୍ ର ଯୋଶ୍‌ରେ ଦେଇସାରିଛନ୍ତି । ଏହି ଚିଠି ସାଙ୍ଗରେ ମଧ୍ୟ (୫୦ ଟଙ୍କା) ଏକ ପଇସା-ନାକିଲ) ପହଂଚିଛି-ମିନ୍‌ହୁ ।

⌘⌘⌘⌘⌘⌘⌘⌘⌘⌘

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଇନ୍‌ଫାକ୍ ଫି ସବିଲିଲ୍ଲାଃ

## (ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା)

ମୌଲାନା ଅତାଉଲ୍ ମୁଜିବ୍ ରାଶିଦ୍ (ଇମାମ୍ ମସ୍‌ଯିଦ୍ ଫଜଲ୍ ଲଣ୍ଡନ୍)

ଭାଗ - ୫

ପୁରୁଷମାନଙ୍କ ମାଲି କୁର୍‌ବାନୀ ବିଷୟରେ ଚର୍ଚ୍ଚା ହେଉଅଛି । କିନ୍ତୁ ବାବସ୍ତବିକତା ଏହା ହେଉଛି ଯେ ଯମାତ୍‌ର ମହିଳାମାନେ ମଧ୍ୟ ଏହି ମାଲି ଯିହାଦ୍‌ରେ ପୁରୁଷଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଚାଲିଛନ୍ତି ବରଂ କେତେକ ସ୍ଥଳେ ପୁରୁଷଙ୍କ ଠାରୁ ମଧ୍ୟ ଆଗକୁ ବଢ଼ି ଯାଇଛନ୍ତି । ମସ୍‌ଜିଦ୍ ର ନିର୍ମାଣ ଗୁଡିକ ପାଇଁ ଯେପରି ପୁରୁଷମାନେ ନିଜର ପକେଟ୍‌କୁ ଖାଲି କରିଦେଉଛନ୍ତି ଏବଂ ଦରମା ମିଳୁଥିବା ଲଫାଫାକୁ ସେହିପରି ଆଣି ସବୁତକ ଦେଉଦେଉଛନ୍ତି, ସ୍ତ୍ରୀ ମାନେ ମଧ୍ୟ ନିଜର ସୁନା ରୂପା ଗହଣାକୁ ସେହିପରି ଉତ୍ସାହିତ ହୋଇ ଚାନ୍ଦା ଆକାରରେ ପ୍ରଦାନ କରୁଛନ୍ତି । ଯେମିତି ସେହି ଦାମିକା ଅଳଙ୍କାର ଗୁଡିକର କୌଣସି ମୂଲ୍ୟ ନାହିଁ । ବିଭାଘରରେ ନେଇଥିବା ଗହଣା ଡ଼ବାକୁ ସମ୍ପୂର୍ଣ୍ଣ ରୂପେ ଆଣି ଖଲିଫାଏ ଓ୍ବକ୍ତଙ୍କର ପାଦତଳେ ରଖିଦେଉଛନ୍ତି !

ମୁଁ ମୋ ନିଜ ଆଖିରେ ଦେଖିଛି ଯେ ମଂଚେଷ୍ଟରରେ ଯେତେବେଳେ ବଇତୁଲ୍ ଫତୁହୁ ଲଣ୍ଡନର ନିର୍ମାଣ ବାବଦରେ ତେହ୍‌ରିକ୍ କରାଗଲା ଜଣେ ଯୁବକ ଲୋକମାନଙ୍କ ଗହଣରୁ ଉଠି ଆସିଲେ । ତାଙ୍କ ହାତରେ ଗୋଟିଏ ଲଫାଫା ଥିଲା । ସେ ଏହି ଲଫାଫାକୁ ଉପସ୍ଥାପନ କରି କହିଲେ ଯେ କିଛି ସମୟ ପୂର୍ବେ ମୋତେ ପଚ୍ଛମାସର ଦରମା ମିଳିଛି । ମୁଁ ଏପର୍ଯ୍ୟନ୍ତ ଏହି ଲଫାଫାକୁ ଖୋଲି ମଧ୍ୟ ନାହିଁ । ମସ୍‌ଜିଦ୍ ନିର୍ମାଣ ବିଷୟରେ ଶୁଣିବା ପରେ ମୁଁ ଏହି ବନ୍ଦ୍ ଲଫାଫାକୁ ପେଶ୍ କରୁଅଛି !

ସେହି ମଜ୍‌ଲିସ୍‌ରେ ଆଉ ଜଣେ ଯୁବକଙ୍କର ଦୃଷ୍ଟାନ୍ତ ମଧ୍ୟ ଭୁଲି ହେଉନାହିଁ, ଯିଏ ଦୀନ୍ କୁ ଦୁନିଆ ଉପରେ ଅଗ୍ରାଧିକାର ଦେଉଥିବାର ଗୋଟିଏ ମହାନ୍ ଉଦାହରଣ ଅଟେ । ତେହ୍‌ରିକ୍ ଶୁଣି ସେ ଷ୍ଟେଜ୍ ଉପରକୁ ଆସିଲେ ଏବଂ ଗୋଟିଏ ଲଫାଫା ପ୍ରଦାନ କରି କହିଲେ ଯେ କିଛି ଦିନ ପରେ ମୋ ବିଭାଘର ହେବ । ମୁଁ ଓ୍ବଲିମା ପାଇଁ ୫୦୦ ପାଉଣ୍ଡ୍ ସଂଚୟ କରି ରଖିଛି । ଖୁଦାଙ୍କ ଘର ନିର୍ମାଣ ହେବାର ତେହ୍‌ରିକ୍ ଶୁଣି ମନରେ ଭାବନା ଆସିଲା ଯେ ଓ୍ବଲିମାର ବ୍ୟବସ୍ଥା ଖୁଦାତାଲା କୌଣସି ପ୍ରକାରେ ତ କରିଦେବେ କିନ୍ତୁ ଖିଦ୍‌ମତ୍ ଦୀନ୍ ର ଏ ମୌକା ମୁଁ ହାତଛଡ଼ା କରିବି ନାହିଁ । ମୋର ତରଫରୁ ଏ ସବୁତକ ଅର୍ଥ ମସ୍‌ଜିଦ୍ ନିର୍ମାଣ ପାଇଁ ଗ୍ରହଣ କରନ୍ତୁ ।

ସେହି ମଜ୍‌ଲିସ୍‌ର ଆଉ ଗୋଟିଏ ବହୁତ ଇମାନ୍ ଅଫରୋଜ୍ ଘଟଣା ଅଛି । ମସ୍‌ଜିଦ୍ ନିର୍ମାଣର ପବିତ୍ର ତେହ୍‌ରିକ୍ କରିବା ଅବସରରେ ଯେତେବେଳେ ମୁଁ ଓ୍ବାଦା (ପ୍ରତିଶୃତି)ର ଲିଷ୍ଟ୍ ଉପରେ ଆଖି ବୁଲାଇଲି ସେତେବେଳେ ଦେଖିଲି ଯେ ସବୁଠାରୁ ଅଧିକ ଓ୍ବାଦା ଜଣେ ଅହେମଦୀ ସ୍ତ୍ରୀ ଙ୍କର ଥିଲା । ମୁଁ ତକ୍‌ରିର୍‌ରେ ତାଙ୍କର କଥା କହିଦେଲି ଏବଂ ପୁରୁଷମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରି ଗଏରତ୍ (ସ୍ୱାଭିମାନ) ଦେଲି । ଜଣେ ବନ୍ଧୁ ସେହି ସ୍ତ୍ରୀ ଲୋକର ୧୦୦୦୦ ପାଉଣ୍ଡ୍ ମୁକାବିଲାରେ ୧୫୦୦୦ ର ଓ୍ବାଦା କରିଲେ । କିଛି କ୍ଷଣ ପରେ ସେହି ସ୍ତ୍ରୀ ଲୋକଙ୍କ ତରଫରୁ କିଛି ଚିଠା ଆସିଲା ଯେ ମୋ ଓ୍ବାଦାକୁ ୨୦୦୦୦ ପାଉଣ୍ଡ୍ ଲେଖିଦିଅନ୍ତୁ । ମୁଁ ଯେତେବେଳେ ତାଙ୍କର ଏଲାନ୍ କଲି ତାହା ଶୁଣି ସେହି ପୁରୁଷ ଜଣକ ନିଜର ଓ୍ବାଦା କୁ ତତ୍‌କ୍ଷଣାତ୍ ବଢ଼ାଇ ୨୧୦୦୦ ପାଉଣ୍ଡ୍ କରିଦେଲା । ମୋମିନ୍ ମାନଙ୍କର ପୁଣ୍ୟ ମାର୍ଗରେ ଜଣେ ଅନ୍ୟ ଜଣକଠୁ ଆଗକୁ ବଢ଼ିବାର ଏହା ଥିଲା ଗୋଟିଏ ଇମାନ୍ ଅଫ୍‌ରୋଜ୍ (ବିଶ୍ୱାସବର୍ଦ୍ଧକ) ଦୃଶ୍ୟ । ସମସ୍ତେ ଚାହିଁ ରହିଥିଲେ ଯେ ଦେଖିବା ଏବେ କଣ ହେବ । ତତ୍‌କ୍ଷଣାତ ସେହି ନିଷ୍ଠାବାନ୍ ମହିଳାଙ୍କ ତରଫରୁ ଆଉ ଗୋଟିଏ ଚିଠା ଆସିଲା ଯାହାର ବିଷୟବସ୍ତୁ ସବୁ ପୁରୁଷମାନଙ୍କୁ ନିରୁତର କରିଦେଲା । ସେଥିରେ ଲେଖାହୋଇଥିଲା ଯେ ଏବେ ଏହିପରି ବାରମ୍ବାର ଓ୍ବାଦା ବଢ଼ାଇବାର ଅବସର ନୁହେଁ । ମୋ ତରଫରୁ ଏହା ଲେଖାଯାଉ ଯେ ପୁରା ଯମାତ୍‌ର ଲୋକମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ଓ୍ବାଦା ଯିଏ ଲେଖାଉ ନା କାହିଁକି ମୋ ଓ୍ବାଦା ତାଙ୍କଠାରୁ ୧୦୦୦ ପାଉଣ୍ଡ୍ ଅଧିକା ରହିବ ! ମୁସାବିକତ୍ ବିଲ୍‌ଖଏର୍ (ପୁଣ୍ୟକର୍ମରେ ଜଣେ ଆଉ ଜଣକ ଠାରୁ ଆଗକୁ ବଢ଼ିବା)ର ଏହା ଅତି ସୁନ୍ଦର ନମୁନା ଅଟେ ଯାହାକୁ ଏହି ଅହେମଦୀ ସ୍ତ୍ରୀ ଜଣକ ଦେଖାଇଲେ ।

ମୋହତରମା କରିମ୍ ବିବି ସାହିବା ସ୍ତ୍ରୀ ମୋକରମ୍ ମୁନଶୀ ଇମାମ୍ ଦୀନ୍ ସାହେବ୍‌ଙ୍କ ଉଦାହରଣ ମଧ୍ୟ ବହୁତ ମହାନ୍ ଅଟେ । ଆପଣଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ସତ୍ତ୍ୱେ ମଧ୍ୟ ପ୍ରତ୍ୟେକ ସମୟରେ ମାଲି କୁର୍‌ବାନୀର ମାର୍ଗ ଖୋଜି ବୁଲୁଥିଲେ । ଏବଂ ଅପେକ୍ଷା କରୁଥିଲେ ଯେ ମାଲି କୁର୍‌ବାନୀର କୌଣସି ନୁଆ ଅବସର ସୃଷ୍ଟି ହେଉ ଏବଂ ସେ ସର୍ବପ୍ରଥମେ ଏଥିରେ ଲବେକ୍ କୁହନ୍ତୁ । ଆପଣଙ୍କର ଅସାଧାରଣ ତ୍ୟାଗର ମନୋଭାବ ଏହି ଘଟଣାରୁ ବାରି ହୋଇଯାଉଛି ଯେ ଯେତେବେଳେ ଓ୍ବସିୟତ୍‌ର ସମସ୍ତ ଓ୍ବାଜିବାତ୍ (ଜରୁରୀ ଜିନିଷ) ପଇଠ କରିବା ପରେ ହିସା ଜାଏଦାଦ୍ (ସମ୍ପତିର ଭାଗ) ର ସବୁ ଅର୍ଥ ମଧ୍ୟ ପ୍ରଦାନ କରିଦେଲେ । ତ ଏପରି ହେଲା ଯେ ଦଫ୍‌ତର୍ ର ଭୁଲ୍ ଯୋଗୁଁ ସେହି ସମସ୍ତ ଅର୍ଥ ଆଉ କୌଣସି ମଦ୍ (ବିଭାଗ) ରେ ଚାଲିଗଲା । ବହୁତ ସମୟ ପରେ ଏହି ଭୁଲ୍‌ଟି ଜଣାପଡ଼ିଲା । ଏହି ଭୁଲ୍‌ଟିକୁ କାଗଜରେ ବହୁତ ସହଜରେ ସୁଧାରି ଦିଆଯାଇପାରିଥାନ୍ତା । କିନ୍ତୁ ଏହି ନିଷ୍ଠାବାନ୍ ମହିଳା ଏହାକୁ ପସନ୍ଦ କଲେ ନାହିଁ ଯେ ପଇଠ କରାଯାଇଥିବା ଅର୍ଥକୁ ବାହାର କରି ଠିକ୍ ମଦ୍ ରେ ଲେଖିଦିଆଯାଉ ବୋଲି । ସେ ପଇଠ କରାଯାଇଥିବା ହିସା ଜାଏଦାଦ୍ ର ବରାବର୍ ସମସ୍ତ ଅର୍ଥକୁ ପୁଣି ଥରେ ପଇଠ କରି ନିଜର ହିସାବକୁ ସମ୍ପୂର୍ଣ୍ଣ କରିଦେଲେ !

**(ଅସ୍‌ହାବେ ଅହେମଦ୍, ଖଣ୍ଡ-୧, ପୃଷ୍ଠା-୧୬୨)**

ଅଲ୍ଲାଃତାଲା ନିଜର ବିଶେଷ ଦୟା ଓ ଅନୁଗ୍ରହ ଦ୍ୱାରା ଯମାତ୍‌ର ପୁରୁଷ ଓ ମହିଳାମାନଙ୍କୁ ମାଲି କୁର୍ବାନୀର କ୍ଷେତ୍ରରେ ଅସାଧାରଣ ଉଦାହରଣ ସୃଷ୍ଟି କରିବା ନିମନ୍ତେ ଶକ୍ତି ପ୍ରଦାନ କରିଛନ୍ତି । ଧନୀ ଲୋକମାନଙ୍କୁ ମଧ୍ୟ ଅଲ୍ଲାଃତାଲା ଏ ସୌଭାଗ୍ୟ ପ୍ରଦାନ କରିଛନ୍ତି ଯେ ସେମାନେ ହୃଦୟ ଖୋଲି ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବା ପାଇଁ ଅଲ୍ଲାଃତାଲା ଦେଇଥିବା ଧନ ସମ୍ପତିରୁ କୁର୍‌ବାନୀ କରି ଚାଲିଛନ୍ତି । ଏବଂ ଗରିବମାନେ ମଧ୍ୟ ନିଜର ପୁଣ୍ୟ ଓ ନିଷ୍ଠାପର ଓ ଉତ୍ସାହିତ ଅଭିଳାଶାରେ କାହାଠାରୁ ପଛରେ ନାହାଁନ୍ତି । ଅଗଣତି ଘଟଣା ମଧ୍ୟରୁ ଗୋଟିଏ ଦୁର୍ଲଭ ଘଟଣା ଏଠାରେ ମୁଁ ଉପସ୍ଥାପନ କରୁଅଛି ।

କାଦିଆନ୍‌ରେ ପ୍ରାରମ୍ଭିକ ସମୟର କଥା । ଖିଲାଫତେ ସାନିଆ ସମୟରେ ଜଣେ ଗରିବ ମହିଳାଙ୍କ ତ୍ୟାଗର ଘଟଣା ମୋର ମାତା ମରହୁମା ଅନେକ ଥର ଶୁଣାଇଛନ୍ତି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଗୋଟିଏ ମଜ୍‌ଲିସ୍‌ରେ ମାଲି କୁର୍‌ବାନୀ ନିମନ୍ତେ ତହ୍‌ରିକ୍ କରୁଥିଲେ । ଏବଂ ଏ ଗରିବ ଓ ଦରିଦ୍ର ମହିଳା ଜଣକ ଏ କଥାରେ ଘାଂଟି ହେଉଥିଲା ଯେ ଧନୀଲୋକମାନେ ତ କୁର୍ବାନୀ କରିଚାଲିଛନ୍ତି ଏବଂ ମୁଁ ଏଥିରୁ ବଂଚିତ ରହିଯାଉଛି । ଏହିପରି ଭିଷଣ ଆଉଟୁ ପାଉଟୁ ଅବସ୍ଥାରେ ଉଠି ଘରକୁ ଆସିଲେ । ଘରର ତ ସବୁ ଜିନିଷ ବିକ୍ରି କରି ପ୍ରଥମରୁ ଚାନ୍ଦା ଦେଇସାରିଥିଲେ । ଦୁଆରେ ଗୋଟିଏ ମୁର୍ଗୀ(କୁକୁଡ଼ା)ଦେଖିଲେ । ସେ ତାକୁ ଆଣି ହଜୁର୍‌ଙ୍କ ସାମନାରେ ପେଶ୍ କରିଦେଲେ । ପୁଣି ବ୍ୟାକୁଳ ହୋଇ ଘରକୁ ଆସିଲେ ଏବଂ ଦୁଇ ତିନିଟା ଅଣ୍ଡା ଉଠାଇ ନେଇ ଆସିଲେ । ତ୍ୟାଗର ଭାବନା ଏତେ ବଢ଼ିଯାଇଥିଲା ଯେ ଆରାମ୍‌ରେ ବସିବା ତାଙ୍କୁ କଷ୍ଟ ହୋଇଯାଉଥିଲା । ଏପଟେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଙ୍କ ଭାଷଣ ଚାଲିଥିଲା । ସେ ଉଠିଲେ ଏବଂ ଘରେ ଆସି ଇଆଡେ ସିଆଡେ ଦେଖିବାକୁ ଲାଗିଲେ ଯେ ଆଉ କିଛି ମିଳିଗଲେ ମୁଁ ତାକୁ ନେଇ ଉପସ୍ଥାପନ କରିଦେବି । ତାଙ୍କର ସ୍ୱାମୀ ଗୋଟିଏ ଭଙ୍ଗା ଖଟିଆରେ ବସିଥିଲେ । ସ୍ୱାମୀ ଜଣକ କହିଲେ ଏବେ କଣ ଖୋଜୁଛ, ସବୁକିଛି ତ ଦେଇସାରିଛି । ଘରେ ତ ଆଉ କିଛି ନାହିଁ । ସେହି ଖୁଦାଙ୍କର ଭକ୍ତ ମହିଳା ଜଣକ ଯିଏ ସବୁକିଛି ଅଲ୍ଲାଃଙ୍କ ମାର୍ଗରେ ତ୍ୟାଗ କରିବାର ରାଣ ଖାଇସାରିଥିଲେ, ବହୁତ କ୍ରୋଧରେ କହିଲେ :- ''ଚୁପ୍ ହୋଇକି ବସିଥାଓ । ମୋର ଯଦି ଚାଲୁଥାନ୍ତା ମୁଁ ତୁମକୁ ବିକ୍ରି କରି ଚାନ୍ଦା ଦେଇଦିଅନ୍ତି !''

ଏଖିତେତାମିଆଃ (ଶେଷକଥା)

ଇସ୍‌ଲାମ ଏବଂ ଅହେମଦୀୟତ ଅନୁରାଗୀ ମାନଙ୍କର ଏପରି କୁର୍ବାନୀ ଓ ଏପରି ତ୍ୟାଗ ଓ ଏହି ଇମାନ୍ ଅଫ୍‌ରୋଜ୍ ଦୃଷ୍ଟାନ୍ତ ଆମପାଇଁ ପଥପ୍ରଦର୍ଶକ ଅଟେ । ଗୋଟିଏ ଗୋଟିଏ ଘଟଣା ଆମକୁ ଅମଲ କରିବା ପାଇଁ ଆହ୍ୱାନ ଦେଉଅଛି ଯେ ଏହି ଘଟଣାଗୁଡିକୁ ପଢ଼ି କେବଳ ଗୋଟିଏ କ୍ଷଣ ପାଇଁ ଆମେ ଖୁସି ହୋଇ ରହିଯିବା ନାହିଁ । ବରଂ ଏହି ପବିତ୍ର ଉଦାହରଣ ଗୁଡିକୁ ନିଜ ଜୀବନରେ ମଧ୍ୟ ପ୍ରୟୋଗ କରି ଦେଖାଇବା । ଏ ମାର୍ଗରେ ଚାଲି ଲୋକମାନେ ନିଜର ଲକ୍ଷ୍ୟକୁ ପାଇଗଲେ । ଏବେ ଆମ ଉପରେ ଏହା ଫର୍ଜ (ଧାର୍ଯ୍ୟ) ହେଉଛି ଯେ ଆମେ ମଧ୍ୟ ମାଲି କୁର୍ବାନୀର ଏହି ମାର୍ଗରେ ନିଷ୍ଠାର ସହିତ ଆଗକୁ ଆଗକୁ ବଢ଼ି ଚାଲିବା ଓ କୁର୍ବାନୀର ଯେଉଁ ଶିକ୍ଷାକୁ ଆମ ପୁର୍ବ ପୁରୁଷମାନେ ହାତଛଡ଼ା କରିନାହାଁନ୍ତି ଆମେ ମଧ୍ୟ ସେହି ଶିକ୍ଷା ଉପରେ ପରିଚାଳିତ ହେବା । ନିଜ ଧନ ସମ୍ପତିକୁ ତ୍ୟାଗ ପଛେ କରିଦେବା କିନ୍ତୁ ଅହେମଦୀୟତ୍‌ର ନାମ ଉପରେ କଦାପି କୌଣସି ଆଂଚ୍ ବା ଦାଗ ଆଣିବାକୁ ଦେବାନାହିଁ !

ଆମକୁ ମନେ ରଖିବାକୁ ହେବ ଯେ ଏ ଦୁନିଆ ହେଉଛି ଅସ୍ଥାୟୀ ଓ ଅଳ୍ପ ଦିନ ପାଇଁ । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦିନେ ନା ଦିନେ ଏହି ଅସ୍ଥାୟୀ ଠିକଣାକୁ ପଛରେ ଛାଡ଼ିଦେଇ ପରକାଳ ନିମନ୍ତେ ସଫର ଗ୍ରହଣ କରିବାକୁ ହେବ । ଚିନ୍ତା କରିବାର କଥା ଏହା ହେଉଛି ଯେ ଆମେ ପରକାଳ ପାଇଁ କଣ ସାଥିରେ ନେବା ? ଯଦି କାହା ମନରେ ଏହା ଅଛି ଯେ ମୁଁ ମୋର ଧନ ସମ୍ପତି, ଘରବାଡ଼ି ଓ ନିଜର ଜାଗିରି ସାଥିରେ ନେଇ ଯିବି ତେବେ ତାଠାରୁ ବଳି ବୋକା ଏବଂ ମୁର୍ଖ କିଏ ହୋଇପାରିବ ? ଏହି ଦୁନିଆରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ଖାଲି ହାତରେ ଆସିଥାଏ ଓ ଖାଲି ହାତରେ ମଧ୍ୟ ଯାଏ । ଦୁନିଆର ଏହି ସବୁ ଧନସମ୍ପତି, ସବୁ ଜମିବାଡ଼ି ଏପରିକି ସ୍ତ୍ରୀ, ପିଲା, ବନ୍ଧୁବାନ୍ଧବ ଓ ସାଙ୍ଗସାଥି ସବୁ ଏ ଦୁନିଆରେ ରହିଯିବେ । ମରିବା ଲୋକଙ୍କ ସାଥିରେ ଯଦି କିଛି ଜିନିଷ ଏ ଦୁନିଆରୁ ଯାଏ ଏବଂ ପରକାଳରେ ତାକୁ ଲାଭ ଦେଇପାରେ ତେବେ ତାହା ହେଉଛି ତାର ପୁଣ୍ୟକର୍ମ ।

ଏହି ପୁଣ୍ୟକର୍ମ ଭିତରେ ଅନ୍ୟାନ୍ୟ ପୁଣ୍ୟ ବ୍ୟତୀତ ମାଲି କୁର୍‌ବାନୀର ଗୋଟିଏ ଉଚ୍ଚ ସ୍ଥାନ ଅଛି । ଯଦି ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମାଲ୍ (ଧନସମ୍ପତି) କୁ ଖୁସି ମନ ସହିତ ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରି ଅଲ୍ଲାଃତାଲାଙ୍କ ପ୍ରସନ୍ନତାର ସମ୍ପତି ହାସଲ କରି ନିଆଯାଏ ତେବେ ଏହି କୁର୍‌ବାନୀର ଧନ ନିଶ୍ଚିତ ରୂପେ ପରକାଳ ପାଇଁ ମଣିଷ ସାଥିରେ ଯାଇଥାଏ । ଏବଂ ଏହା ହିଁ ପ୍ରକୃତ ଓ ବାସ୍ତବିକ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

# ଖୁତ୍‌ବା ଜୁମା

★ହଜୁର ଅନୱର ଅ:ବ କହିଲେ- ଆଜିକାଲି ପାଶ୍ଚାତ୍ୟ ଦେଶର ମିଡ଼ିୟା (ଆମକୁ) ପ୍ରଶ୍ନ କରୁଛନ୍ତି କି ତୁମେ ଇସଲାମର ଶାନ୍ତିପୂର୍ଣ୍ଣ ଶିକ୍ଷା ସମ୍ବନ୍ଧରେ ଚର୍ଚ୍ଚା କରୁଛ କିନ୍ତୁ ମୁସଲମାନମାନଙ୍କ ଅଧିକାଂଶ ଗୋଷ୍ଠୀ ଏକଥା କହୁନାହାନ୍ତି ନା ତୁମକୁ (ସେମାନେ) ମୁସଲମାନ ମନେକରୁଛନ୍ତି । ଅହେମଦିମାନଙ୍କ ସଂଖ୍ୟା ମଧ୍ୟ ଅନ୍ୟମୁସଲମାନମାନଙ୍କ ତୁଳନାରେ ଖୁବ୍ କମ୍ ଅଟେ । ଏପରି ଅବସ୍ଥାରେ ତୁମେ କିଭଳି ସେ ସମସ୍ତ ମୁସଲମାନମାନଙ୍କୁ ସହମତ କରିପାରିବ କି ଯେଉଁ ପଥର ତୁମେ ପଥିକ ତାହା ହିଁ ଇସଲାମୀୟ ଶିକ୍ଷା ମୁତାବକ ଅଟେ ।

★ଐଶ୍ୱରିକ ଜମାଅତ ଦିନକରେ ଉନ୍ନତି କରିନଥାଏ ବରଂ ଧିରେ ଧିରେ ତାହା ପ୍ରସସ୍ତ ଓ ପ୍ରସାରିତ ହୋଇଥାଏ । ଆମେ ସେମାନଙ୍କୁ କହିଥାଉ କି ତୁମେ ଆମକୁ ଏହା କହୁଅଛ କି ଅନ୍ୟମାନଙ୍କୁ ଏହି ଶିକ୍ଷା ମୁତାବକ କିଭଳି ପରିଚାଳିତ କରାଇବ ତେବେ ବର୍ତମାନ ଅହେମଦିଙ୍କ ସଂଖ୍ୟା କୋଟି କୋଟିରେ ପହଂଚିଗଲାଣି । ଏଥିରେ ଅଧିକାଂଶ ଲୋକ ଅନ୍ୟ ମୁସଲମାନ ଗୋଷ୍ଠୀରୁ ଆସି ମିଶୁଛନ୍ତି । ଯେଭଳି ଲୋକମାନଙ୍କ ଉପରେ ସତ୍ୟତା ଉନ୍ମୋଚିତ ହୋଇଥାଏ, ସେମାନେ ହଜରତ ମସିହ ମଉଦ ଆ.ସଙ୍କୁ ଓ ହଜରତ ମହମ୍ମଦ ସ.ଆଙ୍କ ନିର୍ଦ୍ଦେଶ ଓ ଆପଣଙ୍କ ଭବିଷ୍ୟବାଣୀ ବୁଝିପାରି, ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ଓ ଅଣମୁସଲମାନମାନେ ଆମ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଚାଲିଛନ୍ତି ।

★ଅନେକ ସ୍ୱପ୍ନ ଦେଖି ହଜରତ ମସିହ ମଉଦ ଆ.ସ ଓ ଜମାଅତର ସନ୍ଧାନ ପାଇଥାନ୍ତି ଏବଂ ସତ୍ୟତା ସେମାନଙ୍କ ଉପରେ ଉନ୍ମୋଚିତ ହୋଇଥାଏ । କେତେକ ପ୍ରଥମେ ଜମାଅତ ସହ ପରିଚିତ ହୋଇଥାନ୍ତି ଏବଂ **ଇସ୍‌ତେଖାରା** କରି ଅଲ୍ଲାଃତାଲାଙ୍କ ମାର୍ଗଦର୍ଶନ ପ୍ରାପ୍ତ କରିବା ପରେ ଜମାଅତର ଅନ୍ତର୍ଭୁକ୍ତ ହୋଇଥାନ୍ତି । ଆଉ କେତେକଙ୍କ ପ୍ରଚାର ଦ୍ୱାରା ଯେଉଁଥିରେ ମୁବଲିଗ୍, ମୌଲିମ୍ ତଥା ପ୍ରଚାରକଙ୍କ ବ୍ୟତୀତ ରେଡ଼ିଓ ଓ ଟିଭି ଚ୍ୟାନେଲ୍ ରହିଛି, ସେମାନଙ୍କ ହୃଦୟ ଉନ୍ମୁକ୍ତ ହୋଇଥାଏ । ପୁଣି କେତେକ ଜମାଅତର  ବିରୋଧିମାନଙ୍କ ବିରୁଦ୍ଧାଚରଣର ପରିଣାମ ଦେଖି ଏବଂ କେତେକ ଅଲ୍ଲାଃତାଲାଙ୍କ ନିଦର୍ଶନ ଦେଖି ଅହେମଦି ହୋଇଥାନ୍ତି ।

★ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ କହିଥିଲେ କି ମୁଁ ତୁମକୁ ମର୍ଯ୍ୟାଦା ଓ ସମୃଦ୍ଧି ପ୍ରଦାନ କରିବି ଏବଂ ଆହୁରି କହିଛନ୍ତି କି **ଲା ମୁବଦ୍‌ଦିଲା ଲିକଲିମାତହୁ** ଅର୍ଥାତ ଏପରି କେହି ନାହାନ୍ତି ଯେ ଅଲ୍ଲାଃତାଲାଙ୍କ କଥାକୁ ଟାଳିଦେବେ ।

★ହଜୁର ଆ.ସଙ୍କ ଜମାଅତ ସମୃଦ୍ଧି ଓ ଉନ୍ନତି ଲାଭ କରିବା ସମ୍ବନ୍ଧରେ ଅନେକ ଐଶ୍ୱରିକବାଣୀ ରହିଛି । ଅଲ୍ଲାଃତାଲା କହିଛନ୍ତି ମୁଁ ତୁମକୁ ଉନ୍ନତି ପ୍ରଦାନ କରିବି ଓ ତୁମକୁ ଭଲପାଉଥିବା ଲୋକଙ୍କ ସଂଖ୍ୟାବୃଦ୍ଧି କରିବି । ସୁତରାଂ ଆଜି ସେହି ଏକଲା ବ୍ୟକ୍ତିର ଜମାଅତ ସଂସାରରେ ପ୍ରସାର ଲାଭ କରିଛି ଓ ପ୍ରତ୍ୟେକ ଦିନ ବଢିଚାଲିଛି ତଥା ନୂଆ ନୂଆ ଲୋକ ଆସି ଏଥିରେ ସାମିଲ୍ ହୋଇଚାଲିଛନ୍ତି ।

★କାଜାନ୍‌ରୁ ଆମର ମୁବଲିଗ୍ ଲେଖିଛନ୍ତି ଜଣେ ବନ୍ଧୁଙ୍କ ସହ ପ୍ରଚାର ମାଧ୍ୟମରେ ସମ୍ପର୍କ ସ୍ଥାପନ ହେଲା, ତାଙ୍କ ସହ ପ୍ରଶ୍ନ ଉତର ହେଉଥାଏ କିଛି ଦିନପରେ ସେ ବୟତ କରିନେଲେ । ନିଜର ବୟତ କରିବାର କାରଣ ଦର୍ଶାଇ ସେ କହିଲେ ଅଲ୍ଲାଃତାଲା ମୋତେ ସ୍ୱପ୍ନରେ ଦେଖାଇଲେ ଯେମିତି ମୁଁ ଶିରିୟା ଅଂଚଳରେ ଅଛି ଏବଂ ଦୁଇ ଗୋଷ୍ଠୀ ପରସ୍ପର ସହ ଲଢୁଛନ୍ତି ସେତେବେଳେ ଆଉ ଏକ ଗୋଷ୍ଠୀ ଆସି ସେମାନଙ୍କୁ ବୁଝାଉଛନ୍ତି କି ତୁମେ ପରସ୍ପରର ହତ୍ୟା କରି ଅତ୍ୟାଚାର କରୁଅଛ । ଏ ଝଗଡ଼ାକୁ ଶେଷ କରି ପରସ୍ପର ସହ ସନ୍ଧି କର, ସେମାନେ ତୃତୀୟ ଗୋଷ୍ଠୀର କହିବା ମାନି ନିଜର ଅସ୍ତ୍ରଶସ୍ତ୍ର ଫିଙ୍ଗିଦେଇ ପରସ୍ପରକୁ ଆଲିଙ୍ଗନ କରିବା ଆରମ୍ଭ କରିଦେଉଛନ୍ତି ।

★କିରଗିଜ୍‌ସ୍ତାନର ଜଣେ ନୂତନ ଅହେମଦି ଶ୍ରୀମାନ ଅଶଲନ୍ ରାମିଲ୍ ସାହେବ ନିଜର ଅହେମଦି ହେବାର ଘଟଣା ଚର୍ଚ୍ଚା କରି କୁହନ୍ତି ମୁଁ ଏକ ମୁସଲମାନ ଘରେ ଜନ୍ମ ଗ୍ରହଣ କରିଛି ତେଣୁ ଇସଲାମ ମୋ ପାଇଁ କୌଣସି ଅଜଣା ଧର୍ମ ନଥିଲା କିନ୍ତୁ ମୁଁ ଧର୍ମର ବିଶେଷତା ଓ ଉଦ୍ଦେଶ୍ୟ ସମ୍ବନ୍ଧରେ କଦାପି ଚିନ୍ତା କରିନଥିଲି ଯେଉଁଠାରେ ମୁଁ କାର୍ଯ୍ୟରତ ସେଠାରେ ମୋର ସାକ୍ଷାତ କିରଗିଜ୍‌ସ୍ତାନର ସଦର ଜମାଅତଙ୍କ ସହ ହୋଇଗଲା । ତାଙ୍କ ସହ ଧର୍ମ ସମ୍ବନ୍ଧରେ ବିଭିନ୍ନ ଆଲୋଚନା ହେଲା, ତାଙ୍କ କଥାରେ ଧିରେ ଧିରେ ମୋ ଉପରେ ଇସଲାମର ସତ୍ୟାସତ୍ୟ ଉନ୍ମୋଚିତ ହେବା ଆରମ୍ଭ ହୋଇଗଲା । ମୁଁ ଜାଣିବାକୁ ପାଇଲି ଯେ, ବର୍ତମାନ ମୁସଲମାନମାନେ ପ୍ରକୃତ ଇସଲାମୀୟ ଶିକ୍ଷା ମୁତାବକ ଅମଳ କରୁନାହାନ୍ତି । ସେମାନଙ୍କ ସହ ଆଲୋଚନା କରି ମୋତେ ମୋ ପ୍ରଶ୍ନର ଉତର ମିଳିଗଲା । ପ୍ରଥମ ଥର ମୁଁ ପବିତ୍ର କୋରାନ ଅଧ୍ୟୟନ କରିବା ଆରମ୍ଭ କଲି ।

★ହଜୁର ଅନୱର ଅ.ବ କହିଲେ- ଏହା କିଛି ନମୁନା ମୁଁ ଏଠାରେ ଉପସ୍ଥାପନ କଲି ଯେଉଁମାନଙ୍କ ମଧ୍ୟରେ କିଏ ଋଷ (ଦେଶ)ର ତ କିଏ ୟୁରୋପିୟ ଦେଶର ଆଉ କିଏ ପଶ୍ଚିମ ଆଫ୍ରକାର ତ କିଏ ମଧ୍ୟ ଆଫ୍ରିକାର ଏବଂ ଆଉ କିଏ ଆରବ ଦେଶର ଅଛନ୍ତି । ଭିନ୍ନ ଜାତି, ଭିନ୍ନ ଭାଷା ହେବା ପରେ ମଧ୍ୟ ସେ ସମସ୍ତଙ୍କୁ ସମାନ ଭାବରେ ମାର୍ଗଦର୍ଶନ କରାଯାଉଛି । ଏସବୁ କିଏ କରୁଅଛି ? **ନିଃସନ୍ଦେହ ଏହା ଅଲ୍ଲାଃତାଲା କରୁଛନ୍ତି ଯେ ହଜରତ ମସିହ ମଉଦ ଆ.ସଙ୍କୁ କହିଥିଲେ କି ମୁଁ ତୁମ ନିଷ୍ପାପର ଓ ତୁମକୁ ଅନ୍ତରରୁ ଭଲପାଉଥିବା ଗୋଷ୍ଠୀଙ୍କ ସଂଖ୍ୟାବୃଦ୍ଧି କରିବି ।**

---

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୧୫ ସେପ୍ଟେମ୍ବର ୨୦୧୭ ଅନୁଯାୟୀ ୧୫ ତବୁକ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଆଜିକାଲି ପାଶ୍ଚାତ୍ୟ ଦେଶର ମିଡ଼ିୟା (ଆମକୁ) ପ୍ରଶ୍ନ କରୁଛନ୍ତି କି ତୁମେ ଇସଲାମର ଶାନ୍ତିପୂର୍ଣ୍ଣ ଶିକ୍ଷା ସମ୍ବନ୍ଧରେ ଚର୍ଚ୍ଚା କରୁଛ କିନ୍ତୁ ମୁସଲମାନମାନଙ୍କ ଅଧିକାଂଶ ଗୋଷ୍ଠୀ ଏକଥା କହୁନାହାନ୍ତି ନା ତୁମକୁ (ସେମାନେ) ମୁସଲମାନ ମନେକରୁଛନ୍ତି । ଅହେମଦିମାନଙ୍କ ସଂଖ୍ୟା ମଧ୍ୟ ଅନ୍ୟମୁସଲମାନମାନଙ୍କ ତୁଳନାରେ ଖୁବ୍ କମ୍ ଅଟେ । ଏପରି ଅବସ୍ଥାରେ ତୁମେ କିଭଳି ସେ ସମସ୍ତ ମୁସଲମାନମାନଙ୍କୁ ସହମତ କରିପାରିବ କି ଯେଉଁ ପଥର ତୁମେ ପଥିକ ତାହା ହିଁ ଇସଲାମୀୟ ଶିକ୍ଷା ମୁତାବକ ଅଟେ । ଏଥିରେ ଆମ୍ଭର ଉତର

ସର୍ବଦା ଏହା ରହିଥାଏ କି ଅମେ ଯେଉଁ ଶିକ୍ଷାର ଚର୍ଚ୍ଚା କରିଥାଉ ତାହାକୁ ଆମେ ପବିତ୍ର କୋରାନ, ହଦିସ୍ ଓ ହଜରତ ମହମ୍ମଦ ସ.ଆଙ୍କ ସୁନ୍ନତରୁ ପ୍ରମାଣିତ ମଧ୍ୟ କରିଥାଉ । ଆମର କଥା ପବନ ପରି ଅସ୍ତିତ୍ୱ ଶୂନ୍ୟ ନୁହେଁ । ଆମେ ଏକଥା ପ୍ରମାଣିତ କରିଥାଉ କି ଇସଲାମର ଶିକ୍ଷା ପ୍ରାରମ୍ଭରୁ ଅଲ୍ଲାଃ ଓ ଭକ୍ତଙ୍କ କର୍ତବ୍ୟ ସମ୍ପାଦନ ଉପରେ ଆଧାରିତ ଅଟେ । ଏହି ଶିକ୍ଷା ସହ ମୁସଲମାନମାନଙ୍କୁ ଏକମତ କରିବାର ଯେଉଁ ପର୍ଯ୍ୟନ୍ତ ପ୍ରଶ୍ନ ରହିଛି ତେବେ ଏହାର ଉତର ଏହି କି ଯେ, ହଜରତ ମହମ୍ମଦ ସ.ଆଙ୍କ ଭବିଷ୍ୟବାଣୀ ଅନୁଯାୟୀ ମୁସଲମାନମାନଙ୍କ ଏପରି ପଥଭ୍ରଷ୍ଟ ଯୁଗରେ ପ୍ରତିଶୃତ ମସିହ ଓ ମେହଦିଙ୍କ ଆବିର୍ଭାବ ହେବେ ଏବଂ ସେ ପଥଭ୍ରଷ୍ଟ ମୁସଲମାନମାନଙ୍କର ସୁଧାର କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଇସଲାମର ସନ୍ଦେଶ ପହଁଚାଇବେ । ଅତଏବ ହଜରତ ମହମ୍ମଦ ସ.ଆଙ୍କ ଏହି ଭବିଷ୍ୟବାଣୀ ବେଶ୍ ସୁନ୍ଦର ଭାବରେ ପୂରଣ ହେଲା ଏବଂ ଏପରି ସମୟରେ ଅଲ୍ଲାଃତାଲା ପ୍ରତିଶୃତ ମସିହ ଓ ମେହଦିଙ୍କୁ ପ୍ରେରଣ କଲେ ତଥା ସେ ଆସି ଆମ୍ଭକୁ ଇସଲାମ ଓ ପବିତ୍ର କୋରାନର ପ୍ରକୃତ ଶିକ୍ଷା ସହ ଅବଗତ କରାଇଲେ, ଇସଲାମର ପ୍ରତ୍ୟେକ ଆଦେଶର ରହସ୍ୟ ଉନ୍ମୋଚନ କଲେ । ଆମେ ଯେ କି ଆପଣଙ୍କ ଆନୁଗତ୍ୟ ସ୍ୱୀକାର କରି ଅହେମଦି ହୋଇଛୁ, ଆମେ ତଦନୁଯାୟୀ ଇସଲାମର ଶିକ୍ଷା ସହିତ ମୁସଲମାନ ଓ ଅଣମୁସଲମାନମାନଙ୍କୁ ଅବଗତ କରାଉଛୁ । ଆମର କାର୍ଯ୍ୟ ଧର୍ମ ପ୍ରଚାର କରିବା ଅଟେ, ସୁତରାଂ ଏହା ଆମେ ସମ୍ପାଦନ କରୁଅଛୁ ଏବଂ **ଇନ୍ନଶା ଅଲ୍ଲାଃ** କରିଚାଲିଥିବୁ ।

ଐଶ୍ୱରିକ ଜମାଅତ ଦିନକରେ ଉନ୍ନତି କରିନଥାଏ ବରଂ ଧିରେ ଧିରେ ତାହା ପ୍ରସସ୍ତ ଓ ପ୍ରସାରିତ ହୋଇଥାଏ । ଆମେ ସେମାନଙ୍କୁ କହିଥାଉ କି ତୁମେ ଆମକୁ ଏହା କହୁଅଛ କି ଅନ୍ୟମାନଙ୍କୁ ଏହି ଶିକ୍ଷା ମୁତାବକ କିଭଳି ପରିଚାଳିତ କରାଇବ ତେବେ ବର୍ତମାନ ଅହେମଦିଙ୍କ ସଂଖ୍ୟା କୋଟି କୋଟିରେ ପହଂଚିଗଲାଣି । ଏଥିରେ ଅଧିକାଂଶ ଲୋକ ଅନ୍ୟ ମୁସଲମାନ ଗୋଷ୍ଠୀରୁ ଆସି ମିଶୁଛନ୍ତି । ଯେଭଳି ଲୋକମାନଙ୍କ ଉପରେ ସତ୍ୟତା ଉନ୍ମୋଚିତ ହୋଇଥାଏ, ସେମାନେ ହଜରତ ମସିହ ମଉଦ ଆ.ସଙ୍କୁ ଓ ହଜରତ ମହମ୍ମଦ ସ.ଆଙ୍କ ନିର୍ଦ୍ଦେଶ ଓ ଆପଣଙ୍କ ଭବିଷ୍ୟବାଣୀ ବୁଝିପାରି, ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ଓ ଅଣମୁସଲମାନମାନେ ଆମ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଚାଲିଛନ୍ତି । **ଇନ୍ନଶା ଅଲ୍ଲାଃ** ଏହି ସଂଖ୍ୟାଲଘୁ (ଜମାଅତ) ଦିନେ ସଂଖ୍ୟାଗରିଷ୍ଠତା ହାସଲ କରିବ । ଏହା ଅଲ୍ଲାଃତାଲାଙ୍କ ପ୍ରତିଶୃତି ଯାହାର ନମୁନା ଆମେ ପ୍ରତ୍ୟେକ ଦିନ ଦେଖିଚାଲିଛେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ସଂଖ୍ୟାରେ ଲୋକେ ଜମାଅତରେ ସାମିଲ ହୋଇଥାନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନ ଅଟନ୍ତି, ଏହା ସତ୍ୱେ କି ଆମର ସମ୍ୱଳ ଓ ମୁବଲିଗ୍‌ମାନଙ୍କ ସଂଖ୍ୟା ଖୁବ୍ କମ୍ ଅଟେ ତଥାପି ଅଲ୍ଲାଃତାଲା (ଆମକୁ) ଅସାଧାରଣ ପରିଣାମ ପ୍ରଦାନ କରୁଛନ୍ତି ବରଂ ଅନେକଙ୍କର ସ୍ୱୟଂ ଅଲ୍ଲାଃତାଲା ମାର୍ଗଦର୍ଶନ କରିଦେଇଥାନ୍ତି । ଅନେକ ସ୍ୱପ୍ନ ଦେଖି ହଜରତ ମସିହ ମଉଦ ଆ.ସ ଓ ଜମାଅତର ସନ୍ଧାନ ପାଇଥାନ୍ତି ଏବଂ ସତ୍ୟତା ସେମାନଙ୍କ ଉପରେ ଉନ୍ମୋଚିତ ହୋଇଥାଏ । କେତେକ ପ୍ରଥମେ ଜମାଅତ ସହ ପରିଚିତ ହୋଇଥାନ୍ତି ଏବଂ **ଇସ୍‌ତେଖାରା** କରି ଅଲ୍ଲାଃତାଲାଙ୍କ ମାର୍ଗଦର୍ଶନ ପ୍ରାପ୍ତ କରିବା ପରେ ଜମାଅତର ଅନ୍ତର୍ଭୁକ୍ତ ହୋଇଥାନ୍ତି । ଆଉ କେତେକଙ୍କ ପ୍ରଚାର ଦ୍ୱାରା ଯେଉଁଥିରେ ମୁବଲିଗ୍, ମୌଲିମ୍ ତଥା ପ୍ରଚାରକଙ୍କ ବ୍ୟତୀତ ରେଡ଼ିଓ ଓ ଟିଭି ଚ୍ୟାନେଲ୍ ରହିଛି, ସେମାନଙ୍କ ହୃଦୟ ଉନ୍ମୁକ୍ତ ହୋଇଥାଏ । ପୁଣି କେତେକ ଜମାଅତର ବିରୋଧିମାନଙ୍କ ବିରୁଦ୍ଧାଚରଣର ପରିଣାମ ଦେଖି ଏବଂ କେତେକ ଅଲ୍ଲାଃତାଲାଙ୍କ ନିଦର୍ଶନ ଦେଖି ଅହେମଦି ହୋଇଥାନ୍ତି । ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ କହିଥିଲେ କି ମୁଁ ତୁମକୁ ମର୍ଯ୍ୟାଦା ଓ ସମୃଦ୍ଧି ପ୍ରଦାନ କରିବି ଏବଂ ଆହୁରି କହିଛନ୍ତି କି **ଲା ମୁବଦ୍‌ଦିଲା ଲିକଲିମାତହୁ** ଅର୍ଥାତ ଏପରି କେହି ନାହାନ୍ତି ଯେ ଅଲ୍ଲାଃତାଲାଙ୍କ କଥାକୁ ଟାଳିଦେବେ ।

ହଜୁର ଆ.ସଙ୍କ ଜମାଅତ ସମୃଦ୍ଧି ଓ ଉନ୍ନତି ଲାଭ କରିବା ସମ୍ବନ୍ଧରେ ଅନେକ ଐଶ୍ୱରିକବାଣୀ ରହିଛି । ଅଲ୍ଲାଃତାଲା କହିଛନ୍ତି ମୁଁ ତୁମକୁ ଉନ୍ନତି ପ୍ରଦାନ କରିବି ଓ ତୁମକୁ ଭଲପାଉଥିବା ଲୋକଙ୍କ ସଂଖ୍ୟାବୃଦ୍ଧି କରିବି । ସୁତରାଂ ଆଜି ସେହି ଏକଲା ବ୍ୟକ୍ତିର ଜମାଅତ ସଂସାରରେ ପ୍ରସାର ଲାଭ କରିଛି ଓ ପ୍ରତ୍ୟେକ ଦିନ ବଢିଚାଲିଛି ତଥା ନୂଆ ନୂଆ ଲୋକ ଆସି ଏଥିରେ ସାମିଲ୍ ହୋଇଚାଲିଛନ୍ତି । ଅଲ୍ଲାଃ କିଭଳି ରାସ୍ତା ଖୋଲିଥାନ୍ତି, କିଭଳି ଲୋକମାନଙ୍କ ମାର୍ଗଦର୍ଶନ କରିଥାନ୍ତି ତାହାର କିଛି ଉଦାହରଣ ମୁଁ ଏଠାରେ ଉପସ୍ଥାପନ କରିବାକୁ ଯାଉଛି । ସ୍ୱପ୍ନ ଦେଖି ଅହେମଦି ହୋଇଥିବା କିଛି ଲୋକମାନଙ୍କ ଘଟଣା ଶୁଣନ୍ତୁ ।

କାଜାନ୍‌ରୁ ଆମର ମୁବଲିଗ୍ ଲେଖିଛନ୍ତି ଜଣେ ବନ୍ଧୁଙ୍କ ସହ ପ୍ରଚାର ମାଧ୍ୟମରେ ସମ୍ପର୍କ ସ୍ଥାପନ ହେଲା, ତାଙ୍କ ସହ ପ୍ରଶ୍ନ ଉତର ହେଉଥାଏ କିଛି ଦିନପରେ ସେ ବୟତ କରିନେଲେ । ନିଜର ବୟତ କରିବାର କାରଣ ଦର୍ଶାଇ ସେ କହିଲେ ଅଲ୍ଲାଃତାଲା ମୋତେ ସ୍ୱପ୍ନରେ ଦେଖାଇଲେ ଯେମିତି ମୁଁ ଶିରିୟା ଅଂଚଳରେ ଅଛି ଏବଂ ଦୁଇ ଗୋଷ୍ଠୀ ପରସ୍ପର ସହ ଲଢୁଛନ୍ତି ସେତେବେଳେ ଆଉ ଏକ ଗୋଷ୍ଠୀ ଆସି ସେମାନଙ୍କୁ ବୁଝାଉଛନ୍ତି କି ତୁମେ ପରସ୍ପରର ହତ୍ୟା କରି ଅତ୍ୟାଚାର କରୁଅଛ । ଏ ଝଗଡ଼ାକୁ ଶେଷ କରି ପରସ୍ପର ସହ ସନ୍ଧି କର, ସେମାନେ ତୃତୀୟ ଗୋଷ୍ଠୀର କହିବା ମାନି ନିଜର ଅସ୍ତ୍ରଶସ୍ତ୍ର ଫିଙ୍ଗିଦେଇ ପରସ୍ପରକୁ ଆଲିଙ୍ଗନ କରିବା ଆରମ୍ଭ କରିଦେଉଛନ୍ତି । ଏଥିରେ ଉକ୍ତ ଋଷିୟ ବନ୍ଧୁ କହୁଛନ୍ତି ମୁଁ କାହାରିକୁ ପ୍ରଶ୍ନ କରୁଛି କି ଏହି ତୃତୀୟ ଗୋଷ୍ଠୀ କିଏ ? ସେତେବେଳେ ମୋତେ କୁହାଯାଉଛି କି ଏମାନେ ଜମାଅତ ଅହେମଦିୟାର ସଦସ୍ୟ । ଏହିପରି ଆଉ ଏକ ସ୍ୱପ୍ନ ସମ୍ପର୍କରେ ସେ କୁହନ୍ତି ମୋତେ ଅଲ୍ଲାଃ ଦେଖାଇଲେ କି ବର୍ଷା ପାଗ ହୋଇଛି, ଶୀତଳ ପବନ ବହୁଅଛି ଏବଂ ମୋତେ ଶୁଣାଯାଉଛି କି ଅହେମଦିଙ୍କ ବିଶ୍ୱାସ ହିଁ ସଠିକ୍ ଅଟେ । ଏସବୁ ସ୍ୱପ୍ନ ଦେଖି ମୁଁ ବୟତ କରିନେଲି

ଫ୍ରାନସ୍‌ରୁ ଜଣେ ମହିଳା ଶ୍ରୀମତି ମାଲକା ସାହେବା ନିଜର ଅହେମଦି ହେବାର ଘଟଣା ଲେଖିଛନ୍ତି କି ମୋର ସମସ୍ତ ବଂଶଧରଙ୍କ ନିକଟରେ ଅହେମଦିୟତ୍‌ର ସନ୍ଦେଶ ପହଂଚିଯାଇଛି ଏବଂ ଏଥିସଂକ୍ରାନ୍ତରେ ଅଧିକାଂଶ ସମୟରେ ଆମ ଘରେ ଚର୍ଚ୍ଚା ମଧ୍ୟ ହୁଏ କି ଅମକ ଲୋକଙ୍କୁ ଅଲ୍ଲାଃତାଲା ସ୍ୱପ୍ନ ମାଧ୍ୟମରେ ମାର୍ଗଦର୍ଶନ କଲେ ଏବଂ ସେ ଅହେମଦିୟତ୍‌ରେ ସାମିଲ୍ ହୋଇଗଲେ । ଏସବୁ କଥା ମୁଁ ଶୁଣୁଥାଏ କିନ୍ତୁ କିଛି କୁହେ ନାହିଁ, ସେ କୁହନ୍ତି ଏକଦା ମୁଁ ଅଲ୍ଲାଃଙ୍କ ନିକଟରେ ଦୁଆ କଲି ହେ ଅଲ୍ଲାଃ ! ତୁମେ ମୋତେ କୁହ କି ଅହେମଦିୟତ୍ ସତ୍ ମାର୍ଗ ନା ଅସତ୍ ମାର୍ଗ । ସେ କୁହନ୍ତି ତାହାପରେ କ୍ରମାଗତ ତିନି ରାତୀରେ ଅଲ୍ଲାଃତାଲା ମୋତେ ତିନି ଗୋଟି ସ୍ୱପ୍ନ ଦେଖାଇଲେ । ପ୍ରଥମ ସ୍ୱପ୍ନରେ ମୁଁ ଦେଖିଲି ଯେପରି ପ୍ରଳୟକାରୀ ଦିବସ ଆସିଯାଇଛି ଏବଂ ପ୍ରତ୍ୟେକ ଦିଗରେ ଲୋକେ ଧସ୍ତାଧସ୍ତି ହେଉଛନ୍ତି କିନ୍ତୁ ମୋ ଭାଇ ଭଉଣୀ ଯେ କି ଅହେମଦି ହୋଇଯାଇଛନ୍ତି ସେମାନଙ୍କ ଅବସ୍ଥା ସାମାନ୍ୟ ରହିଛି ବରଂ ସେମାନେ ଅତ୍ୟନ୍ତ ପ୍ରଫୁଲ୍ଲିତ ଅଛନ୍ତି । ଯେତେବେଳେ କି ମୁଁ ଚିତ୍କାର କରୁଛି କି ପରିସ୍ଥିତି ଅତ୍ୟନ୍ତ ଭୟଙ୍କର କିନ୍ତୁ ସେମାନଙ୍କ ଅବସ୍ଥା ସ୍ୱଭାବିକ ରହିଛି ଓ ସେମାନେ କହୁଛନ୍ତି ଆମେ ଜମାଅତ ଅହେମଦିୟାର ଜଲସାରେ ଯୋଗଦେବାକୁ ଯାଉଛୁ । ମୁଁ ସ୍ୱପ୍ନରେ ହିଁ ଭୟଭୀତ ହୋଇ ସେମାନଙ୍କୁ ଜାବୁଡ଼ି ଧରୁଛି । ଦ୍ୱିତୀୟ ସ୍ୱପ୍ନରେ ମୁଁ ଦେଖିଲି କି ମୋର ଯେଉଁ ଭଉଣୀ ଅହେମଦି ହୋଇଯାଇଛନ୍ତି ସେ ମୋତେ କହୁଛନ୍ତି ନମାଜ ପାଠ କର ଏହା ହିଁ (ମୁକ୍ତି ପାଇବାର) ଏକ ମାତ୍ର ପଥ । ତୃତୀୟ ଦିନ ରାତୀରେ ମୁଁ ସ୍ୱପ୍ନରେ ଦେଖିଲି କି ମୁଁ ନିଜ ଭାଇ ଭଉଣୀଙ୍କ ସହିତ ବସିଛି ଏବଂ ମୁଁ ଅନୁଭବ କରୁଛି ଯେମିତି ଅଲ୍ଲାଃତାଲା ମୋ ହାତରେ କିଛି ଲେଖିଦେଇଛନ୍ତି । ସୁତରାଂ ଏସମସ୍ତ ସ୍ୱପ୍ନ ଦେଖିବା ପରେ ମୋର ହୃଦୟ ଉନ୍ମୁକ୍ତ ହୋଇଯାଇଛି ଏବଂ ମୁଁ ନିଛନ୍ଦରେ କହୁଅଛି କି ଜମାଅତର ସତ୍ୟତାର ଏସବୁ ସ୍ୱପ୍ନ ଅଟେ । ସୁତରାଂ ମୁଁ ବୟତ କରିନେଲି ଏବଂ ବର୍ତମାନ ଆମର ପୁରା କୁଟୁମ୍ବ ଅହେମଦିୟତ୍‌ରେ ଅନ୍ତର୍ଭୁକ୍ତ ହୋଇଯାଇଛି ।

ଆଇଭ୍ରିକୋଷ୍ଟର ଗୋଟିଏ ଗ୍ରାମ ଶିପୋରେ ସେବା କରିବାର ସୁଯୋଗ ପାଉଥିବା ଜଣେ ବନ୍ଧୁ ଶ୍ରୀମାନ ଅବଦୁଲ୍ ଅଜିଜ୍ ତ୍ରାଓ୍ୱେଡ଼େ ସାହେବ କୁହନ୍ତି କି ଜଣେ ବୃଦ୍ଧ ବ୍ୟକ୍ତି ଶ୍ରୀମାନ ଓ୍ୱାମାରା ତ୍ରାଓ୍ୱେଡ଼େ ସାହେବ ଦିନେ ସ୍ୱପ୍ନରେ ଦେଖିଲେ କି ତାଙ୍କ ଗ୍ରାମକୁ ଆରବର ଲୋକେ ଆସିଛନ୍ତି, ଏଥିରେ କିଛି ଲୋକ କହୁଛନ୍ତି କି ଏମାନେ ପ୍ରକୃତ ଆରବୀ ନୁହନ୍ତି ତେଣୁ ସେମାନଙ୍କଠାରୁ ଦୂରେଇ ରୁହ । ସେ କୁହନ୍ତି ତତ୍‌କ୍ଷଣାତ୍ ମୋତେ ସ୍ୱପ୍ନରେ ଶୁଣାଯଉଛି କି ଯଦି ତୁମେ ଅଲ୍ଲାଃତାଲାଙ୍କୁ ପ୍ରାପ୍ତ କରିବାକୁ ଇଚ୍ଛୁକ ତେବେ ଏହି ଲୋକମାନଙ୍କ ମାଧ୍ୟମରେ ହିଁ ତାଙ୍କୁ ପ୍ରାପ୍ତ କରିପାରିବ । ଏହାର କିଛି ଦିନପରେ ଅହେମଦି ମୁବଲିଗ୍ ପ୍ରଚାର ନିମନ୍ତେ ଆମ ଗ୍ରାମକୁ ଆସିଲେ, ସେତେବେଳେ କିଛି ଲୋକ କହିବା ଆରମ୍ଭ କରିଦେଲେ କି ଏମାନେ ତ ମୁସଲମାନ ହିଁ ନୁହନ୍ତି ଏମାନଙ୍କଠାରୁ ଦୂରେଇ ରହିବାକୁ ଆମ ମୌଲବିମାନେ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ବ୍ୟକ୍ତି ଜଣକ ଯେତେବେଳେ ମୁବଲିଗ୍ ସାହେବଙ୍କୁ ଦେଖିଲେ ତାଙ୍କର ନିଜ ସ୍ୱପ୍ନ କଥା ମନେପଡ଼ିଗଲା । କିଛି ଦିନପରେ ସେ ବୟତ କରି ଜମାଅତ ଅହେମଦିୟାରେ ସାମିଲ୍ ହୋଇଗଲେ । ଆଇଭ୍ରିକୋଷ୍ଟର ବାର୍ଷିକ ଧର୍ମ ସମ୍ମିଳନୀରେ ମଧ୍ୟ ସେ ଅତ୍ୟନ୍ତ ଉତ୍ସାହ ଓ ନିଷ୍ଠାର ସହିତ ଯୋଗଦେଇଥିଲେ ।

ବ୍ରାଜିଲ୍‌ର କଙ୍ଗୋ ଅଂଚଳର ଶ୍ରୀମାନ ବଶିର ସାକଲା ସାହେବ କୁହନ୍ତି ୨୦୧୪ ମସିହାରେ ମୋତେ ପ୍ରଥମ ଥର ଇଂଲଣ୍ଡର ଜଲସାରେ ଯୋଗଦେବାର ସୁଯୋଗ ମିଳିଲା । ସେତେବେଳେ ମୁଁ ଜାଣିପାରିଲି ଯେ, ହଜରତ ଈସାଙ୍କର ଦେହାନ୍ତ ହୋଇସାରିଛି ଏବଂ ସେ କଦାପି ଆକାଶରୁ ଜୀବିତ ଅବତୀର୍ଣ୍ଣ ହେବେ ନାହିଁ । ଏହା ମଧ୍ୟ ଜାଣିବାକୁ ପାଇଲି ଯେ, ହଜରତ ମହମ୍ମଦ ସ.ଆ ଭବିଷ୍ୟବାଣୀ କରିଛନ୍ତି କି ଏପରି ଏକ ସମୟ ଆସିବ ଯେତେବେଳେ ମୁସଲମାନମାନେ ବିଭିନ୍ନ ଗୋଷ୍ଠୀରେ ବିଭାଜିତ ହୋଇଯିବେ ଏବଂ ଇସଲାମ କେବଳ ନାମକୁ ମାତ୍ର ରହିଯିବ । ସେତେବେଳେ ହଜରତ ମସିହ ମଉଦ ଆ.ସଙ୍କର ଅବିର୍ଭାବ ହେବ ଏବଂ କେବଳ ତାଙ୍କରି ଜମାଅତ ହିଁ ସତ୍‌ପଥରେ ପ୍ରତିଷ୍ଠିତ ରହିବ । ସେ କୁହନ୍ତି ତା'ପରେ ମୁଁ ଜମାଅତର ପତ୍ରିକା ଓ ପୁସ୍ତକର ଅଧ୍ୟୟନ କରିବା ଆରମ୍ଭ କରିଦେଲି ଯଦ୍ୱାରା ମୋତେ ଅହେମଦିୟତ୍‌ର ସତ୍ୟତା ବୁଝିବାର ସୁଯୋଗ ମିଳିଲା । ଏହି ଅବଧିରେ ମୁଁ ଏକଦା ସ୍ୱପ୍ନରେ ଦେଖିଲି କି ଜଣେ ବ୍ୟକ୍ତି ମୋତେ ଶ୍ୱେତ ଓ ଗୋଲାପି ରଙ୍ଗର ସୁନ୍ଦର ବସ୍ତ୍ର ପ୍ରଦାନ କରିଛନ୍ତି । ପୁଣି ରମଜାନ ମାସରେ ଏକଦା ସ୍ୱପ୍ନରେ ଦେଖିଲି ମୁଁ ଏକ ଅତ୍ୟନ୍ତ ଉଚ୍ଚ କୋଟିର ବସ୍‌ରେ ଯାତ୍ରା କରୁଅଛି । ତାପରେ ମୁଁ ନିଶ୍ଚିତ ହୋଇଗଲି କି ବସ୍ ଯାହାକି ଯାତ୍ରାର ମାଧ୍ୟମ ଅଟେ ଏବଂ ମୁଁ ଯେଉଁ ମାର୍ଗ ଅବଲମ୍ବନ କରିଛି ତାହା ଅତ୍ୟନ୍ତ ଉଚ୍ଚ କୋଟିର । ସୁତରାଂ ଏହି ସ୍ୱପ୍ନ ଦେଖିବା ପରେ ମୁଁ ଅହେମଦିୟତ୍‌ରେ ଅନ୍ତର୍ଭୁକ୍ତ ହୋଇଗଲି ।

କିରଗିଜ୍‌ସ୍ତାନର ଜଣେ ନୂତନ ଅହେମଦି ଶ୍ରୀମାନ ଅଶଲନ୍ ରାମିଲ୍ ସାହେବ ନିଜର ଅହେମଦି ହେବାର ଘଟଣା ଚର୍ଚ୍ଚା କରି କୁହନ୍ତି ମୁଁ ଏକ ମୁସଲମାନ ଘରେ ଜନ୍ମ ଗ୍ରହଣ କରିଛି ତେଣୁ ଇସଲାମ ମୋ ପାଇଁ କୌଣସି ଅଜଣା ଧର୍ମ ନଥିଲା କିନ୍ତୁ ମୁଁ ଧର୍ମର ବିଶେଷତା ଓ ଉଦ୍ଦେଶ୍ୟ ସମ୍ବନ୍ଧରେ କଦାପି ଚିନ୍ତା କରିନଥିଲି ଯେଉଁଠାରେ ମୁଁ କାର୍ଯ୍ୟରତ ସେଠାରେ ମୋର ସାକ୍ଷାତ କିରଗିଜ୍‌ସ୍ତାନର ସଦର ଜମାଅତଙ୍କ ସହ ହୋଇଗଲା । ତାଙ୍କ ସହ ଧର୍ମ ସମ୍ବନ୍ଧରେ ବିଭିନ୍ନ ଆଲୋଚନା ହେଲା, ତାଙ୍କ କଥାରେ ଧିରେ ଧିରେ ମୋ ଉପରେ ଇସଲାମର ସତ୍ୟାସତ୍ୟ ଉନ୍ମୋଚିତ ହେବା ଆରମ୍ଭ ହୋଇଗଲା । ମୁଁ ଜାଣିବାକୁ ପାଇଲି ଯେ, ବର୍ତମାନ ମୁସଲମାନମାନେ ପ୍ରକୃତ ଇସଲାମୀୟ ଶିକ୍ଷା ମୁତାବକ ଅମଳ କରୁନାହାନ୍ତି । ସେମାନଙ୍କ ସହ ଆଲୋଚନା କରି ମୋତେ ମୋ ପ୍ରଶ୍ନର ଉତର ମିଳିଗଲା । ପ୍ରଥମ ଥର ମୁଁ ପବିତ୍ର କୋରାନ ଅଧ୍ୟୟନ କରିବା ଆରମ୍ଭ କଲି । ତା'ପରେ ମୁଁ ବୟତ କରିବାର ନିଷ୍ପତି ନେଲି, ସେହି ଦିନ ରାତୀରେ ସ୍ୱପ୍ନରେ ଦେଖିଲି କି ମୋ ପିତାଙ୍କର ଜଣେ ବନ୍ଧୁ ମୋତେ ଏକ ପାର୍ଶ୍ୱକୁ ଇଶାରା କରି କହିଲେ ଏହି ସ୍ଥାନରେ ଏକ ଚିହ୍ନ ରହିଛି କିନ୍ତୁ ଏଥିସମ୍ବନ୍ଧରେ କାହାରିକୁ କହିବ ନାହିଁ ନଚେତ୍ ଆତଙ୍କବାଦୀମାନେ ଆସି ଏହି ଚିହ୍ନକୁ ଧ୍ୱଂସ କରିଦେବେ । ସୁତରାଂ ମୁଁ ଯାଇ ସେହି ଚିହ୍ନକୁ ଦେଖିଲି ଯାହାକି ଏକ ବିରାଟକାୟ ବଗିଚା ଥିଲା ଯେଉଁଥିରେ ପ୍ରଜାପତି ପରି ଜୀବ ଉଡୁଥିଲେ । ମୁଁ ଚିନ୍ତା କଲି କି ଅଲ୍ଲାଃଙ୍କର ଏହି ନିଦର୍ଶନକୁ ମୁଁ କିଭଳି ଗୋପନ ରଖିବି । ସେହି ସମୟରେ ମୁଁ ପକ୍ଷୀ ପରି ଉଡ଼ିବାକୁ ଆରମ୍ଭ କରିଦେଉଛି ଏବଂ ଉଡ଼ିଯାଇ ନିଜ ପିତାଙ୍କର ସେହି ବନ୍ଧୁଙ୍କ ଘରେ ପ୍ରବେଶ କରୁଅଛି ସେତେବେଳେ ସେ ଚା'ପିଉଛନ୍ତି । ମୋତେ ଦେଖି ସେ ଏକ ପକ୍ଷୀ ମନେକରୁଛନ୍ତି କିନ୍ତୁ ମୁଁ ତାଙ୍କୁ ତିନି ଥର **ଅଲ୍ଲାଃହୁ ଅକବର୍** କହୁଅଛି ସେଥିରେ ସେ ଡ଼ରିଯାଉଛନ୍ତି କି ଏହି ପକ୍ଷୀ କିପରି କଥା କହୁଅଛି । ତା'ପରେ ମୁଁ ଆକାଶକୁ ଉଡ଼ି ଯାଉଛି, ସେତେବେଳେ ମୁଁ ପକ୍ଷୀରୁ ଦେବଦୂତ ପାଲଟିଯାଉଛି ଏବଂ ଭୂପୃଷ୍ଠକୁ ଦେଖୁଛି ତ ସମସ୍ତେ ମୋତେ ମୃତ ଦେଖାଯାଉଛନ୍ତି କେହି ହେଲେ ମଧ୍ୟ ଜୀବିତ ନାହାନ୍ତି । ସବିଶେଷରେ ମୁଁ ନିଜ ଘରେ ପ୍ରବେଶ କରିବା ଅନ୍ତେ ମୋର ନିଦ ଭାଙ୍ଗିଯାଉଛି । ଏହି ସ୍ୱପ୍ନ ଦେଖିବା ପରେ ସେ କୁହନ୍ତି କି ମୁଁ ସଂଙ୍କଳ୍ପ କଲି ଅଲ୍ଲାଃତାଲା ମୋତେ ଆଧାତ୍ମିକ ଶକ୍ତି ପ୍ରଦାନ କରିଛନ୍ତି, ସୁତରାଂ ମୁଁ ବୟତ କରି ଜମାଅତ ଅହେମଦିୟାରେ ଅନ୍ତର୍ଭୁକ୍ତ ହୋଇଗଲି ।

ମିଶର ଦେଶର ଶ୍ରୀମାନ ଅବଦୁଲ୍ ହାଦି ସାହେବ କୁହନ୍ତି ଅହେମଦିୟତ୍ ସମ୍ବନ୍ଧରେ ଜାଣିବାର ବହୁ ପୂର୍ବରୁ ମୁଁ ସ୍ୱପ୍ନରେ ଦେଖିଥିଲି କି ମୁଁ ଏକ ନିଃଶବ୍ଦ ଓ ଜନଶୂନ୍ୟ ରାସ୍ତାରେ ଅଜଣା ଲକ୍ଷସ୍ଥଳ ଆଡ଼କୁ ବଢିଚାଲିଛି, ଏହି ସମୟରେ ଜଣେ ସଦାଚାରୀ ପୁରୁଷ ଆସୁଛନ୍ତି ଏବଂ ମୋତେ ସେହି ରାସ୍ତାରୁ ହଟାଇ ଏକ ନୂତନ ରାସ୍ତାରେ ଛାଡ଼ିଦେଉଛନ୍ତି । ଆଶ୍ଚର୍ଯ୍ୟର କଥା ଯେ ମୁଁ କୌଣସି ପ୍ରତିବାଦ ନକରି ଖୁସିର ସହିତ ସେହି ମାର୍ଗରେ ଆଗକୁ ବଢିବା ଆରମ୍ଭ କରିଦେଉଛି । ତାହାର କାରଣ ଏହି କି ଯେ, ତାଙ୍କର ସହାନୁଭୂତିପୂର୍ଣ୍ଣ ଆଚରଣରେ ମୋତେ ଅନୁଭବ ହେଉଛି ଯେପରି ସେ ମୋତେ ନିଜର ଖରାପ ପରିଣାମରୁ ବଂଚାଇ ସୁନ୍ଦର ଅନ୍ତ ଓ ଅନେକ ପୁରସ୍କାର ଲାଭ କରିବା ମାର୍ଗରେ ଛାଡ଼ିଦେଇଛନ୍ତି । ଏହି ମାର୍ଗରେ କିଛି ଦୂରତା ଅତିକ୍ରମ କରିବା ପରେ ଏକ ଉଚ୍ଚ ସ୍ଥାନରେ ପହଂଚି ମୁଁ ନିଜ ପୁରୁଣା ରାସ୍ତାକୁ ଦେଖୁଛି ତ ସେଠାରେ ଏକ ଅତ୍ୟାଚାରୀ ବ୍ୟକ୍ତିକୁ ଲୋକମାନଙ୍କ ଉପରେ ଅତ୍ୟାଚାର କରୁଥିବାର ପାଉଛି । ସେତେବେଳେ ମୁଁ ଚିନ୍ତା କରୁଛି ଯଦି ସେହି ସଦାଚାରୀ ବ୍ୟକ୍ତି ମୋତେ ଏହି ମାର୍ଗରେ ଛାଡ଼ି ଦେଇନଥାନ୍ତେ ତେବେ ମୁଁ ମଧ୍ୟ ଆଜି ସେହି ଲୋକମାନଙ୍କ ପରି ଅତ୍ୟାଚାରର ଶିକାର ହୋଇଥାନ୍ତି । ସ୍ୱପ୍ନରେ ହିଁ ମୋତେ ଲାଗୁଛି ଯେ, ସମ୍ଭବତଃ ସେହି ସଦାଚାରୀ ଜଣକ ଅଲ୍ଲାଃଙ୍କ ଅବତାର ମୁସା ଆ.ସ । ସେ କୁହନ୍ତି ଦିର୍ଘ ସମୟ ପରେ ଯେତେବେଳେ ମୁଁ ଜମାଅତ ସହ ପରିଚିତ ହେଲି ସେତେବେଳେ ମୁଁ ବୁଝିଲି ଯେ ମୁଁ ଯେଉଁ ରାସ୍ତାରେ ପରିଚାଳିତ ଥିଲି ତାହା ଧ୍ୱଂସାଭିମୁଖୀ (ପଥ) ଅଟେ ଏବଂ ଯେଉଁ ସଦାଚାରୀ ବ୍ୟକ୍ତି ଜଣକ ମୋତେ ସେହି ରାସ୍ତାରୁ ଉଠାଇ ନୂତନ ରାସ୍ତାରେ ଛାଡ଼ିଦେଇଥିଲେ ସେ ହଜରତ ମସିହ ମଉଦ ଆ.ସ ଥିଲେ । ଯେତେବେଳେ କି ନୂତନ ରାସ୍ତା ଅହେମଦିୟତ୍ ଅର୍ଥାତ ବାସ୍ତବ ଇସଲାମ ଅଟେ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହା କିଛି ନମୁନା ମୁଁ ଏଠାରେ ଉପସ୍ଥାପନ କଲି ଯେଉଁମାନଙ୍କ ମଧ୍ୟରେ କିଏ ରଷ (ଦେଶ)ର ତ କିଏ ୟୁରୋପିୟ ଦେଶର ଆଉ କିଏ ପଶ୍ଚିମ ଆଫ୍ରିକାର ତ କିଏ ମଧ୍ୟ ଆଫ୍ରିକାର ଏବଂ ଆଉ କିଏ ଆରବ ଦେଶର ଅଛନ୍ତି । ଭିନ୍ନ ଜାତି, ଭିନ୍ନ ଭାଷା ହେବା ପରେ ମଧ୍ୟ ସେ ସମସ୍ତଙ୍କୁ ସମାନ ଭାବରେ ମାର୍ଗଦର୍ଶନ କରାଯାଉଛି । ଏସବୁ କିଏ କରୁଅଛି ? **ନିଃସନ୍ଦେହ ଏହା ଅଲ୍ଲାଃତାଲା କରୁଛନ୍ତି ଯେ ହଜରତ ମସିହ ମଉଦ ଆ.ସଙ୍କୁ କହିଥିଲେ କି ମୁଁ ତୁମ ନିଷ୍ଠାପର ଓ ତୁମକୁ ଅନ୍ତରରୁ ଭଲପାଉଥିବା ଗୋଷ୍ଠୀଙ୍କ ସଂଖ୍ୟାବୃଦ୍ଧି କରିବି ।**

ମରାକସରୁ ଜଣେ ଅହେମଦି ଶ୍ରୀମାନ ଶକୁର ସାହେବ ନିଜର ବୟତ କରିବାର ଘଟଣା ଚର୍ଚ୍ଚା କରି ଲେଖିଛନ୍ତି ଅହେମଦିୟତ୍ ସମ୍ବନ୍ଧରେ ପରିଚିତ ହେବାପରେ ମୁଁ ନିୟମିତ ଭାବରେ "ଲିକାଏ ମାଆ ଆରବ" କାର୍ଯ୍ୟକ୍ରମ ଦେଖୁଥିଲି । ଏକଦା ମୁଁ ଦିବ୍ୟସ୍ୱପ୍ନ ଦେଖିଲି ଜମାଅତ ଅହେମଦିୟାର ଚତୁର୍ଥ ଖଲିଫା ଗୋଟିଏ ପାହାଡ଼ର ଶୀର୍ଷକୁ ଯାଉଥିବା ରାସ୍ତାରେ ଆଗକୁ ବଢ଼ିଚାଲିଛନ୍ତି ଏବଂ ଆପଣ ଶ୍ୱେତ ରଙ୍ଗର ପାକିସ୍ତାନୀ ବସ୍ତ୍ର ପରିଧାନ କରିଛନ୍ତି । ସେ କୁହନ୍ତି ମୁଁ ହଜୁର ର.ଆଙ୍କ ପଛେ ପଛେ ଚାଲି ପାହାଡ଼ ଶୀର୍ଷର ନିକଟରେ ପହଂଚିଯାଉଛି ଏବଂ ଆମ୍ଭକୁ ପାହାଡ଼ ଶୀର୍ଷର ପଛରୁ ଅତ୍ୟନ୍ତ ଉଜ୍ଜ୍ୱଳ ପ୍ରକାଶ ଦୃଶ୍ୟମାନ ହେଉଛି, ଯାହାକି ଦିଗ୍‌ବଳୟରେ ଖେଳିଯାଉଛି ମନେହେଉଛି ଯେମିତି ତାହା (ଫଜର)ପାହାନ୍ତାର ପ୍ରକାଶ ଅଟେ । ତାହା ଦେଖି ମୁଁ କିଛି ମାତ୍ରାରେ ଭୟଭୀତ ମଧ୍ୟ ହେଉଛି ଏବଂ ମୋର ପାଦ ଥକିପଡୁଛି କିନ୍ତୁ ହଜୁର ର.ଆ କହୁଛନ୍ତି ମୋ ପଛେ ପଛେ ଚାଲୁଥାଅ ଓ ଭୟ କର ନାହିଁ । ସେ କୁହନ୍ତି ଅଲ୍ଲାଃ ହିଁ ସକଳ ପ୍ରଶଂସାର ଅଧିକାରୀ, ସମସ୍ତ ପ୍ରକାରର ବାଧାବିଘ୍ନ ପରେ ମଧ୍ୟ ମୁଁ ସେହି ଦିବ୍ୟସ୍ୱପ୍ନ ମୁତାବକ "ଲିକାଏ ମାଆ ଆରବ" ଦେଖି ହଜୁରଙ୍କ ପଛେ ପଛେ ଚାଲିଚାଲି ଶେଷରେ ଅହେମଦିୟତ୍ ସ୍ୱୀକାର କରିବାର ଲକ୍ଷସ୍ଥଳରେ ପହଂଚିଗଲି ।

ଉପଦ୍ୱୀପର ଜଣେ ବନ୍ଧୁ ଶ୍ରୀମାନ ଡ଼ାଃ ଏଜାଜ୍ କରିମ୍ ସାହେବ ଯେ ବିଗତ ଦିନରେ ଅହେମଦିୟତ୍ ଯୋଗୁଁ କାରାବାରଣ ଭୋଗ କରିଛନ୍ତି, ବିକୃତ କରାଯାଇଥିବା ଇସଲାମୀୟ ଶିକ୍ଷା ଓ ପବିତ୍ର କୋରାନର ଭୁଲ୍ ବାଖ୍ୟା ଦେଖି ସମ୍ପୂର୍ଣ୍ଣ ରୂପେ ହତାସ ହୋଇଯାଇଥିଲି । ସେ କୁହନ୍ତି ମୌଲବିମାନଙ୍କ ବାଖ୍ୟା ଶୁଣି ମୁଁ ଚିନ୍ତା କରୁଥିଲି କ'ଣ ଏହା ଅଲ୍ଲାଃଙ୍କ ବାଣୀ ହୋଇପାରେ । ଏପରି ଅବସ୍ଥାରେ ଅରଦନ୍‌ର ଜଣେ ଅହେମଦି ବନ୍ଧୁଙ୍କ ମାଧ୍ୟମରେ ଅହେମଦିୟତ୍ ଓ ହଜରତ ମସିହ ମଉଦ ଆ.ସଙ୍କ ଲେଖା ପଢିବାର ସୁଯୋଗ ମିଳିଲା । ହଜରତ ମସିହ ମଉଦ ଆ.ସଙ୍କ କୋରାନର ବାଖ୍ୟା ପାଠ କରିବା ପୂର୍ବରୁ ନଓ୍ୱାଫିଲ୍ ପାଠ କରି ଦୁଆ କଲି ହେ ଅଲ୍ଲାଃ ! ମୋର ସତ୍‌ପଥ ପ୍ରତି ମାର୍ଗଦର୍ଶନ କର । ସେ କୁହନ୍ତି ଯେମିତି ଯେମିତି ହଜୁର ଆ.ସଙ୍କ ପୁସ୍ତକ ଅଧ୍ୟୟନ କଲି ମୋର ହୃଦୟ ଉନ୍ମୁକ୍ତ ହୋଇଚାଲିଲା ଏବଂ ସେହି ଲେଖାର ଭୟରେ ମୋର ଶରୀର ଥରି ଉଠିଲା ଏବଂ ବିଶ୍ୱାସ ଅସିଗଲା କି ଏହା କୌଣସି ମଣିଷର ଲେଖା ନୁହେଁ ବରଂ ଏହା ଐଶ୍ୱରିକବାଣୀ ଅଟେ । କିନ୍ତୁ ବୟତ କରିବା ପୂର୍ବରୁ **ଇସ୍‌ତେଖାରା** କରିବାର ନିଷ୍ପତି ନେଲି ଓ ସ୍ୱପ୍ନରେ ଦେଖିଲି କି ମୁଁ ନିଜ ସାଥିମାନଙ୍କ ସହିତ ରାତ୍ରି କାଳରେ ସହର ମଧ୍ୟ ଦେଇ ଅତିକ୍ରମ କରୁଅଛି ଏବଂ ଏକ ପ୍ରକାଶ ଆମ ସହିତ ଚାଲୁଅଛି । ଏହି ସମୟରେ ଫୋନ୍‌ର ଘଣ୍ଟି ବାଜୁଛି ଯେଉଁଥିରେ ହଜରତ ଇମାମ ମେହଦିଙ୍କର ନମ୍ବର ଆସୁଥିଲା । ମୁଁ ନିଷ୍ପତି ନେଲି କି ତାଙ୍କୁ ଫୋନ୍ କରିବି ଯଦି ସେ ମୋର ଉତର ନଦିଅନ୍ତି ତେବେ ବୁଝିନେବି କି ସେ ସଚ୍ଚୋଟ ନବୀ ନଚେତ୍ ମିଥ୍ୟାବାଦୀ । ଜଣା ନାହିଁ ସ୍ୱପ୍ନରେ ହିଁ କେଉଁ ଆଡୁ ଭାବନା ଆସିଲା କି ନବୀ ଫୋନ୍‌ର ଉତର ଦେଇନଥାନ୍ତି । ଅତଏବ ମୁଁ ଫୋନ୍ କଲି ଓ ଦିର୍ଘ ସମୟ ପର୍ଯ୍ୟନ୍ତ ଘଣ୍ଟି ବାଜୁଥାଏ କିନ୍ତୁ ସେ ଫୋନ୍ ଉଠାଇଲେ ନାହିଁ । ତା'ପରେ ସେ ମୋ ସମ୍ମୁଖରେ ଭୟାବହ(ଅଲୌକିକ) ରୂପରେ ବିଦ୍ୟମାନ ହେଲେ ମୁଁ ପବିତ୍ର କୋରାନର ଆୟତ ଓ ଅଉଜୁବିଲ୍ଲାଃ ପାଠ କରିବା ଆରମ୍ଭ କରିଦେଲି ଯେମିତି ସଇତାନ ମୋତେ ମେହଦିଙ୍କୁ ପାଇବାର ମାମଲାରୁ ଭ୍ରମିତ କରିନଦେଉ । ତା'ପରେ ଅତ୍ୟଧିକ ଭୟଭୀତ ହେବା ଯୋଗୁଁ ନିଦ ଭାଙ୍ଗିଗଲା ତାହା ଫଜର ନମାଜର ସମୟ ଥିଲା ଏବଂ ମୁଁ ନିଶ୍ଚିତ ହୋଇଗଲି ଯେ, ଉକ୍ତ ସ୍ୱପ୍ନ ସତ୍ୟ ଅଟେ । ତାପରେ ମୁଁ ବୟତ କରିନେଲି ।

ହଜୁର ଅନଓ୍ୱର ଅ.ବ ଅହେମଦି ହୋଇଥିବା ବ୍ୟକ୍ତିମାନଙ୍କର ଆଉ କେତେକ ବିଶ୍ୱାସବର୍ଦ୍ଧକ ଘଟଣାର ଚର୍ଚ୍ଚା କରି ଶେଷରେ କହିଲେ- ସୁତରାଂ ଅଲ୍ଲାଃତାଲା ଲୋକମାନଙ୍କୁ ଇସଲାମର ପ୍ରକୃତ ଶିକ୍ଷା ପ୍ରତି ଟାଣିଆଣୁଛନ୍ତି ଏବଂ **ଇନ୍‌ଶାଅଲ୍ଲାଃ** ଦିନେ ହଜରତ ମସିହ ମଉଦ ଆ.ସଙ୍କ ମାଧ୍ୟମରେ ପ୍ରକୃତ ଇସଲାମ ହିଁ ସଂସାରରେ ବିଜୟ ଲାଭ କରିବ । ଅଲ୍ଲାଃତାଲା ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ଏହି ବରକତ୍‌ରୁ ଭାଗ ନେବା ପାଇଁ ନିରବଚ୍ଛିନ୍ନ ଭାବରେ ପ୍ରଚାର କାର୍ଯ୍ୟ କରିଚାଲନ୍ତୁ ଓ ଏଥିପ୍ରତି (ବିଶେଷ)ଧ୍ୟାନ ଦିଅନ୍ତୁ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ ନମାଜ ପାଠ କରିବା ପରେ ମୁଁ ଦୁଇ ଗୋଟି ଜନାଯାଃ ଗାଏବ ମଧ୍ୟ ପାଠ କରିବି ଗୋଟିଏ ଶ୍ରୀମାନ ଖୁରଶିଦ୍ ରୁକୟା ସାହେବା ପତ୍ନୀ ଶ୍ରୀମାନ ମୌ. ମନ୍‌ଜୁର ଅହେମଦ୍ ସାହେବ ଘନୁକେ ଦରବେଶ୍ କାଦିଆନଙ୍କର ଅଟେ । ଦ୍ୱିତୀୟ ଜନାଯାଃ ଡ଼ାଃ ସଲାଉଦ୍ଦିନ୍ ସାହେବ ନିଉଜରସି ଆମେରିକା ପୁତ୍ର ଶ୍ରୀମାନ ମୌ. ଇମାମୁଦ୍ଦିନ୍ ସାହେବ ଇଣ୍ଡୋନେସିଆଙ୍କର ଅଟେ, ସେ ଚଳିତ ମାସ ୧୦ ତାରିଖ ଦିନ ହୃଦଘାତ ଯୋଗୁଁ ଦେହତ୍ୟାଗ କଲେ । **ଇନ୍ନାଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ ।**

⌘⌘⌘⌘⌘⌘⌘⌘⌘

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

⌘⌘⌘⌘⌘⌘⌘⌘⌘

*ପୃଷ୍ଠା-୨ ର ଅବଶିଷ୍ଟାଂଶ.......*

ସମ୍ପତି ଯାହା କୟାମତ ଦିନ ମଧ୍ୟ ତାର ହାତ ଧରି ଚାଲିବ । ହଜ୍‌ରତ୍ ଶାହେବ୍ ଜାଦା ମିର୍ଜା ବଶିର୍ ଅହେମଦ୍ ର:ଅ ବହୁତ ସୁନ୍ଦର ଭାବେ କହୁଛନ୍ତି:-

*ୟେ ଜର୍ ଓମାଲ୍ ତୋ ଦୁନିଆ ହି ମେ ରହ୍‌ଯାଏଙ୍ଗେ*

*ହଶର୍ କେ ରୋଜ୍ ଯୋ କାମ୍ ଆଏଗା ୱହ୍ ଜର୍ ପୈଦା କର୍*

ଅର୍ଥାତ୍- ଏହି ଧନସମ୍ପତି ତ ଦୁନିଆରେ ହିଁ ରହିଯିବ । ହଶର୍ (କୟାମତ୍) ଦିନ ଯାହା କାମ ଦେବ ସେହି ଧନ ଉପାର୍ଜନ କର ।

ସୁତରାଂ ଆମମାନଙ୍କ ମଧ୍ୟରୁ କେହି ଏପରି ଭୁଲ୍ ଧାରଣାର ଶିକାର ନହୁଅନ୍ତୁ ଯେ ଏ ଦୁନିଆର ଧନସମ୍ପତି ପରକାଳରେ କାମ ଆସିବ ବୋଲି । ଜ୍ଞାନୀ ଓ ସଫଳ ବ୍ୟକ୍ତି ହେଉଛି ସେ ଯିଏ ଏହି ଶେଷ ହୋଇଯାଉଥିବା ଧନସମ୍ପତିକୁ ଖୁଦାଙ୍କ ରାସ୍ତାରେ ତ୍ୟାଗ କରି ଅଲ୍ଲାଃତାଲାଙ୍କ ସଦାସର୍ବଦା ପ୍ରସନ୍ନତା, ସାନିଧ୍ୟ ଏବଂ ଶେଷ ନ ହେଉଥିବା ଧନସମ୍ପତିକୁ କିଣିନିଏ ଏବଂ ଏ ଶଙ୍କାରେ କେବେ ରହେନାହିଁ ଯେ ମାଲ୍ ଖର୍ଚ୍ଚ କରିବା ଦ୍ୱାରା ଧନସମ୍ପତି କମ୍ ହୋଇଯିବ । ଏହା ଏକ ଶଇତାନି ଶଙ୍କା ଅଟେ । ବାସ୍ତବିକତା ହେଉଛି ଏହା ଯେ ଖୁଦାଙ୍କ ମାର୍ଗରେ ମାଲ୍ ଖର୍ଚ୍ଚ କରିବା ଦ୍ୱାରା ଧନ କମେ ନାହିଁ ବରଂ ବଢ଼ି ବଢ଼ି ଚାଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ଫାର୍ସୀ ପଦ୍ୟରେ କହୁଛନ୍ତି :-

*ଜବ୍‌ଜଲେ ମାଲେଦର୍ ରାହିଶ୍ କସେ ମୁଫ୍‌ଲିସ୍ ନମି ଗର୍‌ଦଦ୍*

*ଖୁଦା ଖୁଦ୍ ମେ ଶୁଦ୍ ନାଶିର୍ ଗର୍ ହିମ୍ମତ୍ ଶୁଦ୍ ପୈଦା*

ଅର୍ଥାତ୍- ଖୁଦାଙ୍କ ମାର୍ଗରେ ମାଲ୍ (ଧନ) ଖର୍ଚ୍ଚ କରିବା ଦ୍ୱାରା କଦାପି କୌଣସି ବ୍ୟକ୍ତି ଗରିବ ହୁଏନାହିଁ । ଯଦି ମଣିଷ ଏହି ମାର୍ଗରେ ଦାନଶୀଳତା ଓ ସାହାସ ଦେଖାଏ ତେବେ ଖୁଦା ନିଜେ ତାର ସାହାଯ୍ୟ କରିଥାନ୍ତି ।

କରୁଣାମୟ ଖୁଦାଙ୍କ ଯନ୍ନତ କୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏହା ଧାର୍ଯ୍ୟ ଅଟେ ଯେ ସେ ସାଦିକୁଲ୍ ୱାଦ୍ (ପ୍ରତିଶୃତି କୁ ପୁରଣ କରୁଥିବା) ଖୁଦାଙ୍କ ପ୍ରତିଶୃତି ଉପରେ ସମ୍ପୂର୍ଣ୍ଣ ଭରଷା ରଖି ମାଲି କୁର୍ବାନୀର ପ୍ରତ୍ୟେକ କ୍ଷେତ୍ରରେ ଏପରି ଉତ୍ସାହର ସହିତ ଆଗକୁ ଆଗକୁ ବଢ଼ିଚାଲୁ ଯେ ଏହି ଜୀବନରେ ଖୁଦାତାଲାଙ୍କ ତରଫରୁ ତାଙ୍କ ପାଇଁ ଏହି ଖୁସି ଖବର ଶୁଣିନେବେ ଯେ-

***ଫଦ୍‌ଖୁଲି ଫି ଇବାଦି ୱଦ୍‌ଖୁଲି ଯନ୍ନତି* (ସୁରତୁଲ୍ ଫଜର୍, ଆୟତ ୩୦-୩୧)**

ଅର୍ଥାତ୍- ହେ ମୋର ଭକ୍ତମାନେ ଆସ ! ମୋର ରାସ୍ତାରେ ନିଜକୁ ଉତ୍ସର୍ଗ କରୁଥିବା ବ୍ୟକ୍ତିମାନେ ! ଦୌଡ଼ି ଦୌଡ଼ି ଆସ ଏବଂ ମୋ ସାନିଧ୍ୟ (ଅନୁଗ୍ରହ) ର ଅନନ୍ତ ଯନ୍ନତ୍‌ରେ ପ୍ରବେଶ ହୋଇଯାଅ ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ନିଷ୍ଠାବାନ ଗୋଷ୍ଠୀରେ ସାମିଲ୍ କରନ୍ତୁ -ଆମିନ୍ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା-୧୦ ର ଅବଶିଷ୍ଟାଂଶ.......*

ମିଳିମିଶି କାର୍ଯ୍ୟ କରୁଛନ୍ତି । ଯେଉଁଠାରେ ପୁରୁଷ ଏବଂ ସ୍ତ୍ରୀ ମାନଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ ସେଠାରେ ଆମେ ସେ ସବୁ କରୁଛୁ ଏବଂ ଯେତେବେଳେ ଆମେ ଉପାସନା କରୁଛୁ ସେତେବେଳେ ପୁରୁଷ ସ୍ତ୍ରୀମାନଙ୍କ ମଧ୍ୟରେ ବ୍ୟବଧାନ ରଖାଯାଉଛି । ଏହା ପଛରେ ମଧ୍ୟ କାରଣ ଅଛି । ଯଦି ମୁଁ ଏହାକୁ ବର୍ଣ୍ଣନା କରିବି ତାହାଲେ ଡେରି ହୋଇଯିବ । ଏବଂ କିଛି ଲୋକ ମୋର ଅପେକ୍ଷା କରିଛନ୍ତି । ଏହା ଗୋଟିଏ ଲମ୍ୱା ବିଷୟ ଅଟେ । କିନ୍ତୁ ଆମେ ବହୁତ ଭଲଭାବେ ଇଂଟିଗ୍ରେଟେଡ୍ ଅଟୁ । ଇଂଟିଗ୍ରେଟେଡ୍ କଦାପି ଏ ଅର୍ଥ ନୁହେଁ ଯେ ଆମେ ଧର୍ମୀୟ ଶିକ୍ଷାକୁ ଛାଡ଼ିଦେବା ସେଗୁଡିକ ହେଉଛି ଆମେ ଠିକ୍ ପୋଷାକ ପିନ୍ଧିବା ଏବଂ ନିଜ ମୁଣ୍ଡକୁ ଢ଼ାଙ୍କି କରି ରଖିବା । ଫଳତଃ ପୁରୁଷମାନଙ୍କ ନିମନ୍ତେ ଆକର୍ଷଣର କାରଣ ହେବାନାହିଁ । ଖରାପ ଦୃଷ୍ଟିରୁ ବଂଚି ପାରିବା । ତେବେ ଏହି ସବୁ କାରଣ ଗୁଡିକ ହେଉଛି ନଚେତ୍ ଯେଉଁଠି ମିଳିମିଶି କାମ କରିବାକୁ ପଡୁଛି ସେଠି ଆମେ ମିଳିମିଶି କାର୍ଯ୍ୟ କରୁଅଛୁ । ଆମ ସ୍ତ୍ରୀ ଲୋକମାନେ ବଜାରକୁ ଯାଉଛନ୍ତି । ସେମାନେ କଣ ଜାଣିନାହାଁନ୍ତି ? ଏଠାରେ ବହୁତ ଅହେମଦୀ ମୁସ୍‌ଲିମ୍ ମହିଳାମାନେ ଅଛନ୍ତି ଯେଉଁମାନଙ୍କୁ ମୁଁ ଜାଣିଛି । ସେମାନେ (ସପିଙ୍ଗ୍) ଷ୍ଟୋର୍‌ରେ କାମ କରୁଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଲୋକ ନିଜର କାରବାର ମଧ୍ୟ କରୁଛନ୍ତି । ତେବେ ପୁଣି ଇଂଟିଗ୍ରେସନ୍‌ର ଆଉ କଣ ଅର୍ଥ ହୋଇପାରିବ ?

ଜର୍ନାଲିଷ୍ଟ୍ ଜଣକ କହିଲେ ଯେ ସାମାଜିକ ଏବଂ ପ୍ରଥାଭିତିକ କାର୍ଯ୍ୟରେ ସାମିଲ୍ ହେବା ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମ୍ଭେ ଇକ୍‌ଦାର ରେ ସାମିଲ୍ ହେଉଅଛୁ । ଇକଦାର୍ ର ଅର୍ଥ କଣ ? ଯଦି ଆପଣ କହୁଛନ୍ତି ଯେ କ୍ଲବ୍ ଯିବେ, ମଦ ପିଇବା ଆଦି ସେହି ଜିନିଷ ଅଟେ ଯାହାଦ୍ୱାରା ଆପଣମନେ ଇଂଟିଗ୍ରେଟ୍ ହୋଇପାରିବେ । ତେବେ ଏହା ଖରାପ ଅଟେ । ହଜୁର୍ ଅନୁୱର୍ ଅ:ବ: ଅ କହିଲେ ଆହୁରି ମଧ୍ୟ ବହୁତ ସମ୍ମାନ ଅଛି, ଆମର କିଛି ଧର୍ମୀୟ କର୍ତବ୍ୟ ମଧ୍ୟ ଅଛି, ଏହି ଧର୍ମୀୟ କର୍ତବ୍ୟ ସହିତ ଆମେ ନିଜର ସମସ୍ତ ସାମର୍ଥ୍ୟକୁ ଦେଶର ଉନ୍ନତି ନିମନ୍ତେ ବ୍ୟବହାର କରିବା ଉଚିତ । ମୋ ନିକଟରେ ଅସଲ ଇଂଟିଗ୍ରେସନ୍ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ମୋ ମତରେ ଆପଣ ଏତେ ଗୁଡିଏ ପ୍ରଶ୍ନ କରିସାରିଲେଣି ଯେ ଏଥିରେ ବାକି ଲୋକମାନେ ଯେଉଁ ପ୍ରଶ୍ନ କରିବାର ଥିଲା ତାହା ସବୁ ଏଥିରେ ଆସିଯିବଣି । ଯଦି ଏବେ ବି ମଧ୍ୟ ଶଙ୍କା ବା ପ୍ରଶ୍ନ ଅଛି ଏବଂ ସେ ପଚାରି ପାରୁନାହାଁନ୍ତି ତେବେ ଏହା ଆପଣଙ୍କ ଯୋଗୁଁ ହିଁ ହେବ, ମୋ ଯୋଗୁଁ ନୁହେଁ ।

ପ୍ରେସ୍ କନ୍‌ଫରେନ୍‌ସ ପରେ ହଜୁର୍ ଅନୁୱର୍ ବାହ୍ୟ ଭାଗକୁ ଆସିଲେ ଯେଉଁଠି ହଜୁର୍ ଅନୁୱର୍ ଗମଲାରେ ଲଗାଯାଇଥିବା ଗୋଟିଏ ଗଛକୁ ପାଣି ଦେଲେ । ଗଜିନ୍ ସହରର ଲର୍ଡ଼ ମେୟର୍ ମିସେସ୍ ଡାଇଟିଲିଣ୍ଡ୍ ଗ୍ରେଭ୍ ଗୋଜ୍ ମସ୍‌ଜିଦ୍ ବଇତୁଲ୍ ସମଦ୍‌ର ଉଦ୍‌ଘାଟନୀ ଖୁସିରେ ଯମାତ୍ ଉପସ୍ଥାପନ କରିଥିଲେ । ଏହି ଚାରାକୁ ଯେଉଁ ପାଣି ଦିଆଗଲା ତାହା ସହରର ନବୀ ନାନ୍ ରୁ ବିଶେଷ ରୂପେ ଅଣାଯାଇଥିଲା । ହଜୁର୍ ଅନୱର୍ ଗଛରେ ପାଣି ଦେଉ ଦେଉ ମେୟର୍‌ଙ୍କୁ କହିଲେ ଯେ ଆପଣ ପାଣି ଦିଆଯାଉଥିବା ପାତ୍ରକୁ ଗୋଟିଏ ପଟୁ ଧରିନିଅନ୍ତୁ । ଏହିପରି ହଜୁର୍ ଅନୁୱର୍ ଏବଂ ମେୟର୍ ମିଶି ଏହି ଚାରାଟିକୁ ଏକାଥରେ ପାଣିଦେଲେ । **(ବ ହୱାଲା ଅଖ୍‌ବାର୍ ବଦର୍ ୩୧ ଅଗଷ୍ଟ, ୧୪ ସେପ୍ଟେମ୍ବର୍ ୨୦୧୭)**

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା-୧୧ ର ଅବଶିଷ୍ଟାଂଶ.......*

ଟ୍ରେନିଂ ସିଲ୍‌ସିଲାରେ ୟୁ.କେ ରେ ଥିଲେ ସେମାନଙ୍କୁ ମଧ୍ୟ ହଜୁର୍ ଅନୁୱର୍ ଙ୍କ ସହିତ ଜର୍ମାନୀ ଗସ୍ତରେ କାଫିଲା ସହିତ ସାମିଲ୍ ହେବା ପାଇଁ ସୌଭାଗ୍ୟ ମିଳିଲା । ମୋକରମ୍ ଆତିଫ୍ ଅହେମଦ୍ ଯାହିଦ୍ ସାହେବ୍, ମୋକରମ୍ ସରଜିଲ୍ ଅହେମଦ୍ ସାହେବ୍, ମୋକରମ୍ ସାଜିଦ୍ ଇକ୍‌ବାଲ୍ ସାହେବ୍, ମୋକରମ୍ ସାକିବ ଜାଫର୍ ସାହେବ୍, ମୋକରମ୍ ଫରହାଦ୍ ଗଫାର୍ ସାହେବ, ମୋକରମ୍ ଅବଦୁଲ୍ ବାସିତ ଖାଜା ସାହେବ୍ ଓ ମୋକରମ୍ ରିଜୁଆନ୍ ସୟଦ୍ ସାହେବ୍ ।

ଏତଦ୍‌ବ୍ୟତୀତ ନିମ୍ନଲିଖିତ ଲୋମାନଙ୍କୁ ମଧ୍ୟ କାଫେଲାରେ ଗାଡ଼ି ଗୁଡିକୁ ଚଳାଇବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ମୋକରମ୍ ନଦୀମ୍ ଅହେମଦ୍ ଅମିନୀ ସାହେବ୍, ମୋକରମ୍ ନାଶିର୍ ଅହେମଦ୍ ଅମିନି ସାହେବ୍, ମୋକରମ୍ ମହମ୍ମଦ୍ ଅହେମଦ୍ ସାହେବ୍, ମୋକରମ୍ ଇମ୍‌ରାନ୍ ଜଫର୍ ସାହେବ୍ ଓ ମୋକରମ୍ ଅବ୍‌ଦୁଲ୍ ରହେମାନ୍ ସାହେବ୍ ।

ମୋକରମ୍ ସଜାଦ ଅହେମଦ୍ ମଲକ୍ ସାହେବ୍ ଜର୍ମାନୀରେ ଥିବା ସମୟରେ କାଫଲାରେ ସାମିଲ୍‌ଥିଲେ ।

ଏତଦ୍‌ବ୍ୟତୀତ ଏମ୍.ଟି.ଏ ଇଂଟର୍ ନ୍ୟାସିନାଲ୍ (ୟୁ.କେ) ନିମ୍ନଲିଖିତ ମେମ୍ବର୍‌ମାନେ ଏହି ଗସ୍ତର ଖୁତ୍‌ବାଜୁମା ଗୁଡିକୁ ମସ୍‌ଜିଦ୍ ଗୁଡିକର ଉଦ୍‌ଘାଟନ ଉତ୍ସବର ବିବରଣୀ ଏବଂ ଅନ୍ୟାନ୍ୟ ମିଟିଂ ଏବଂ ସାକ୍ଷାତ୍‌କାର୍‌ର ବିବରଣୀ, ହଜୁର୍ ଅନୁୱର୍‌ଙ୍କ ସହିତ ଇଂଟର୍‌ଭିଉ ଏବଂ ଅନ୍ୟ ସବୁ ପ୍ରୋଗ୍ରାମ୍ ଗୁଡିକର ରେକର୍ଡିଂ କରିଥିଲେ ଏବଂ କିଛି ପ୍ରୋଗ୍ରାମ୍‌କୁ ମଧ୍ୟ ସିଧା ପ୍ରସାରଣ କରିବା ପାଇଁ ଏହି ଗସ୍ତରେ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତି କରିଥିଲେ । ମୋକରମ୍ ମୁନୀର ଅହେମଦ୍ ୱଦା ସାହେବ୍, ମୋକରମ୍ ସଫିର୍ ଅହେମଦ୍ କମର୍ ସାହେବ୍, ମୋକରମ୍ ଅଦ୍‌ନାନ୍ ଯାହିଦ୍ ସାହେବ୍ ଏବଂ ମୋକରମ୍ ଅବ୍‌ରାର୍ ବେଗ୍ ସାହେବ୍ ।

ଏମ୍.ଟି.ଏ ର ଏହି ଟିମ୍ ବ୍ୟତୀତ ମୋକରମ୍ ଅମୀର୍ ଅଲ୍‌ମ ସାହେବ୍ ଇନ୍‌ଚାର୍ଜ ଶୋବା ମଖଜନେ ତସାୱିର୍ ମଧ୍ୟ ସାମିଲ୍ ହେବାର ସୌଭାଗ୍ୟ ପାଇଲେ ।

ଜର୍ମାନୀରୁ ଡାକ୍ତର ଅତହର୍ ଯୁବେର୍ ସାହେବ୍ ଏହି ଗସ୍ତ ସମୟରେ ଡାକ୍ତର ହିସାବରେ ନିଜର ଡିଉଟି ସମ୍ପାଦନ କରିବାରେ ସୌଭାଗ୍ୟ ପାଇଲେ ।

ଏହି ଲୋକମାନଙ୍କ ବ୍ୟତୀତ ଜର୍ମାନୀରୁ ମୋକରମ୍ ଅବ୍‌ଦୁଲା ସପରା ସାହେବଙ୍କୁ ମଧ୍ୟ ଏହି ଗସ୍ତରେ କାଫିଲା ସହିତ ରହିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଅଲ୍ଲାଃତାଲା ଏହି ସମସ୍ତ ଲୋକମାନଙ୍କ ନିମନ୍ତେ ଏହି ସୌଭାଗ୍ୟକୁ ତାଙ୍କ ପାଇଁ ମୋବାରକ୍ କରନ୍ତୁ । ଆମିନ୍ ।

(ବ ହୱାଲା ଅଖ୍‌ବାର୍ ବଦର୍ ୬ ଜୁଲାଇ ୨୦୧୭)

⌘⌘⌘⌘⌘⌘⌘⌘⌘⌘

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ (ଅଗଷ୍ଟ୨୦୧୭)

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

**୧୯ ଅଗଷ୍ଟ ୨୦୧୭ (ଶନିବାର)**

**ଲଣ୍ଡନ୍‌ରୁ ଗସ୍ତ ଆରମ୍ଭ ଓ ଫ୍ରାଙ୍କ୍‌ଫ୍ରଟ୍ (ଜର୍ମାନୀ) ରେ ଶୁଭଗାମନ**

ସୟଦ୍‌ନା ହଜ୍‌ରତ୍ ଅମୀରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜର୍ମାନୀ ଯାତ୍ରାରେ ଗସ୍ତ କରିବା ପାଇଁ ପ୍ରୋଗ୍ରାମ୍ ମୁତାବକ ସକାଳ ୧୦:୦୦ ଘଟିକା ସମୟରେ ନିଜ ଆବାସସ୍ଥଳୀରୁ ବାହାରକୁ ଆସିଲେ । ହଜୁର ଅନୁଓ୍ୱର୍ ଅ:ବ:ଅ ଙ୍କୁ ବିଦାୟ ଦେବାପାଇଁ ସକାଳ ପ୍ରହରୁ ଯମାତ୍‌ର ପୁରୁଷ ଓ ମହିଳାମାନେ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ର ବାହ୍ୟ ପ୍ରାଙ୍ଗଣରେ ଏକାଠି ହୋଇଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି କ୍ଷଣ ପାଇଁ ଦୟାପରବଶ ହୋଇ ଲୋକମାନଙ୍କ ସହିତ ସମୟ ଅତିବାହିତ କଲେ । ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରୀୟ ଆକାଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁ ହାତ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଓ ଇୟତିମାଇ ଦୁଆ କରାଇଲେ । ତା'ପରେ ପାଂଚଗୋଟି ଗାଡ଼ି ବିଶିଷ୍ଟ କାଫିଲା ବ୍ରିଟେନ୍‌ର ତଟବର୍ତୀ ସହର Dover ଆଡ଼କୁ ଗସ୍ତ କଲା । Dover ହେଉଛି ବ୍ରିଟେନ୍‌ର ଗୋଟିଏ ବିଖ୍ୟାତ ବନ୍ଦର । ଲଣ୍ଡନ୍ ଓ ଆଖପାଖ ସହରର ଲୋକେ ୟୁରୋପ୍ ଯାତ୍ରା Ferries ମାଧ୍ୟମରେ ଏହି ବନ୍ଦରରୁ କରିଥାନ୍ତି । Dover ସହରଠାରୁ ୧୧ମାଇଲ୍ ପୂର୍ବରୁ Folkestone ଇଲାକାରେ ସେହି ବିଖ୍ୟାତ Channel Tunnel ଅବସ୍ଥିତ ଯିଏ ବ୍ରିଟେନ୍ ଓ ଫ୍ରାନ୍‌ସର ତଟବର୍ତୀ ସ୍ଥାନକୁ ଆପସରେ ସଂଯୋଗ କରିଥାଏ । ଏହି Tunnel (ସୁଡ଼ଙ୍ଗ) ମାଧ୍ୟମରେ କାର୍ ଏବଂ ଅନ୍ୟାନ୍ୟ ଗାଡ଼ି ଗୁଡିକ ଓ ଯାତ୍ରୀମାନେ ରେଳ ଜରିଆରେ ଫ୍ରାନ୍‌ସର ତଟବର୍ତୀ ସହର Classis ପର୍ଯ୍ୟନ୍ତ ପହଂଚନ୍ତି । ଆଜିର ଏହି ଯାତ୍ରା ମଧ୍ୟ ଏହି Channel Tunnel ମାଧ୍ୟମରେ ଥିଲା ।

ଲଣ୍ଡନ୍‌ରୁ ମୋକରମ୍ ରଫିକ୍ ଅହେମଦ୍ ହୟାତ୍ ସାହେବ୍ ଅମୀର୍ ଯମାତ୍ ଅହେମଦୀୟ ୟୁ.କେ. ମୋକରମ୍ ଅତାଉଲ୍ ମୁଯିବ୍ ରାଶିଦ୍ ସାହେବ୍ ମୋବଲ୍ଲିଗ୍ ଇନ୍‌ଚାର୍ଜ ୟୁ.କେ ମୋକରମ୍ ମୁବାରକ୍ ଅହେମଦ୍ ଦଫର୍ ସାହେବ୍ ଏଡ଼ିଶିନାଲ୍ ଓ୍ୱକିଲୁଲ୍ ମାଲ୍ ଲଣ୍ଡନ୍, ମୋକରମ୍ ମିର୍ଜା ମହମୁଦ୍ ଅହେମଦ୍ ସାହେବ୍ ମର୍କଜ ଅଡିଟର୍ ମୋକରମ୍ ନାସିର୍ ଇନ୍‌ଆମ୍ ସାହେବ ପ୍ରିନ୍‌ସିପାଲ୍ ଯାମିଆ ଅହେମଦୀୟା ୟୁ.କେ, ମୋକରମ୍ ଇଖ୍‌ଲାକ୍ ଅହେମଦ୍ ଅଞ୍ଜୁମ୍ ସାହେବ ଓ୍ୱକାଲତେ ତବ୍‌ଶିର୍ ଲଣ୍ଡନ୍, ମୋକରମ୍ ମେଜର୍ ମହମୁଦ୍ ଅହେମଦ୍ ସାହେବ ଅଫିସର୍ ବିଶେଷ ସୁରକ୍ଷା ବ୍ୟବସ୍ଥା ଏବଂ ଖୁଦାମୁଲ୍ ଅହେମଦୀୟା ୟୁ.କେ ର ସିକ୍ୟୁରିଟି ଟିମ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ କୁ ବିଦାୟ ଦେବା ପାଇଁ ଚ୍ୟାନେଲ୍ ଟନେଲ୍ ପର୍ଯ୍ୟନ୍ତ କାଫିଲା ସାଙ୍ଗରେ ଆସିଥିଲେ ।

ପାଖାପାଖି ୫୦ ମିନିଟ୍‌ର ଯାତ୍ରା ପରେ ୧୧:୫୦ ରେ Channel Tunnel ଆସିଲା । ଲଣ୍ଡନ୍‌ରୁ ସାଙ୍ଗରେ ଆସିଥିବା ଲୋକମାନେ ନିଜ ପ୍ରୀୟ ଆକାଙ୍କୁ ବିଦାୟ ସମ୍ବର୍ଧନା ଜଣାଇଲେ । ଏହାପରେ ଇମିଗ୍ରେସନ୍ ଏବଂ ଯାତ୍ରା ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ କିଛି ସମୟ ପାଇଁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଚ୍ୟାନେଲ୍ ଟନେଲ୍‌ର ପାର୍କିଙ୍ଗ୍ ଏରିଆକୁ ଗଲେ ।

ବ୍ରିଟେନ୍‌ର ସ୍କୁଲ୍ ଓ କଲେଜ୍ ଗୁଡିକରେ ଛୁଟି ହୋଇଥିବା ଯୋଗୁଁ ଆଜି ବହୁ ସଂଖ୍ୟାରେ ଯାତ୍ରୀମାନେ ଚ୍ୟାନେଲ୍ ଟନେଲ୍ ମାଧ୍ୟମରେ ୟୁରୋପ ଯାତ୍ରା କରୁଥିଲେ । ସେଥିଯୋଗୁଁ ଟ୍ରେନ୍ ପାଖାପାଖି ଅଧଘଂଟା ବିଳମ୍ବରେ ଯାତ୍ରା କଲା । ଦିବା ୧:୧୦ ଘଟିକାରେ କାଫିଲାର ଗାଡ଼ି ଗୁଡିକ ଟ୍ରେନ୍‌ରେ ଲଦା ହେଲା । ଏହି ଟ୍ରେନ୍‌ଟି ଦୁଇ ମହଲା ବିଶିଷ୍ଟ ଥିଲା ଓ ତା ଭିତରେ ଏକାଥରକେ ୧୮୦ ଟି କାର୍ ଯାତ୍ରୀ ସହିତ ଲଦା ହୁଏ । କାଫିଲାର ଗାଡିଗୁଡିକ ଦ୍ୱିତୀୟ ମହଲାରେ ଲଦା ହେଲା ।

ଟ୍ରେନ୍ ୧:୨୦ ରେ ଘଂଟା ପ୍ରତି ୧୪୦ କି.ମି. ବେଗରେ ଫ୍ରାନ୍‌ସର ତଟବର୍ତୀ ସହର Classis ନିମନ୍ତେ ଯାତ୍ରା କଲା । ଏହି ସୁଡ଼ଙ୍ଗର ଦୈର୍ଘ୍ୟ ପାଖାପାଖି ୩୧ ମାଇଲ୍ ଓ ସେଥିରୁ ୨୪ ମାଇଲ୍ ସମୁଦ୍ର ଭିତରେ ଅଛି । ଏହି ସୁଡ଼ଙ୍ଗର ଗଭୀର ଭାଗ ସମୁଦ୍ର ଭିତରୁ ୭୫ ମିଟର ଅର୍ଥାତ୍ ୨୫୦ ଫୁଟ୍ ତଳେ ଅବସ୍ଥିତ । ଏ ପର୍ଯ୍ୟନ୍ତ ସମୁଦ୍ର ଭିତରେ ଯେତେ ସୁଡ଼ଙ୍ଗ ନିର୍ମାଣ ହୋଇଛି ଏହା ସେ ସମସ୍ତଙ୍କ ଠାରୁ ଦୁନିଆର ସବୁଠାରୁ ବଡ଼ ସୁଡଙ୍ଗ ଅଟେ । ଅଧଘଂଟା ଯାତ୍ରା କରିବା ପରେ ଫ୍ରାନ୍‌ସର ସ୍ଥାନୀୟ ସମୟ ମୁତାବକ ଦିବା ୨:୫୦ ମିନିଟ୍‌ରେ ଟ୍ରେନ୍ ଫ୍ରାନ୍‌ସର Classis ସହରରେ ପହଂଚିଲା । (ଫ୍ରାନ୍‌ସର ସମୟ ବ୍ରିଟେନ୍ ସମୟଠାରୁ ଏକ ଘଂଟା ଆଗରେ) ଟ୍ରେନ୍ ପହଂଚିବା ୫ ମିନିଟ୍ ପରେ ଗାଡ଼ିଗୁଡିକ ଟ୍ରେନ୍‌ରୁ ବାହାରିଲା ଓ ମୋଟର୍ ଓ୍ୱେ ରେ ଯାତ୍ରା ଆରମ୍ଭ ହେଲା ।

ପ୍ରଥମରୁ ଧାର୍ଯ୍ୟ କରାଯାଇଥିବା ସମୟ ଗୁଡିକ ମୁତାବକ ଏଠାରୁ କିଛି କି.ମି. ଦୂରତାରେ ଗୋଟିଏ ପେଟ୍ରୋଲ୍ ପମ୍ପ ର ପାର୍କିଂ ଏରିଆରେ ଯମାତ୍ ଅହେମଦୀୟା ଜର୍ମାନୀରୁ ଆସିଥିବା ଓଫଦ୍ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ କରିବାର କାର୍ଯ୍ୟକ୍ରମ ରଖାଯାଇଥିଲା । ଜର୍ମାନୀରୁ ମୋକରମ୍ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ ଅମୀର୍ ଯମାତ୍ ଜର୍ମାନୀ, ମୋକରମ୍ ହଇଦର୍ ଅଲୀ ଜଫର୍ ସାହେବ୍ ମୋବଲ୍ଲିଗ୍ ଇନ୍‌ଚାର୍ଜ ଜର୍ମାନୀ, ମୋକରମ୍ ମହମ୍ମଦ୍ ଇଲ୍‌ୟାସ୍ ମଯୁକା ସାହେବ୍ ଜେନେରାଲ୍ ସେକ୍ରେଟାରୁ ଏବଂ ଅଫିସର୍ ଜଲ୍‌ସା ସାଲାନା ଜର୍ମାନୀ, ମୋକରମ୍ ଜରିଉଲ୍ଲାଃ ସାହେବ୍ ମୋବଲ୍ଲିଗ୍ ସିଲ୍‌ସିଲା ଏବଂ ନାଏବ୍ ଜେନେରାଲ୍ ସେକ୍ରେଟାରୀ, ମୋକରମ୍ ହସନାତ୍ ଅହେମଦ୍ ସାହେବ ସଦର ମଯ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଜର୍ମାନୀ, ମୋକରମ୍ ଡାଃ ଅତ୍‌ହର୍ ଜୁବେର୍ ସାହେବ୍, ମୋକରମ୍ ଅବ୍‌ଦୁଲ୍ଲାଃ ସପ୍‌ରା ସାହେବ୍ ଏବଂ ମୋକରମ୍ ହମାଦ୍ ଅହେମଦ୍ ସାହେବ୍ ମୋହତ୍‌ମିମ୍ ଉମୁମି ଖୁଦାମୁଲ୍ ଅହେମଦୀୟା ଜର୍ମାନୀ ନିଜର ଖୁଦାମ୍ ସିକ୍ୟୁରିଟି ଟିମ୍ ସହିତ ନିଜର ପ୍ରୀୟ ଆକାଙ୍କୁ ସ୍ୱାଗତଂ ଜଣାଇବା ପାଇଁ ଉପସ୍ଥିତ ଥିଲେ ।

ଏଠାରେ ପହଂଚିବା ପରେ ନ ରହି ଯାତ୍ରା ଆଗକୁ ଜାରି ରହିଲା । ଜର୍ମାନୀରୁ ଆସିଥିବା ତିନୋଟି ଗାଡ଼ି ମଧ୍ୟରୁ ଗୋଟିଏ ଗାଡ଼ି କାଫିଲାକୁ escort କରି ଚାଲିଲା । ବାକି ଦୁଇଟି ଗାଡ଼ିରେ ଖୁଦାମ୍ ପିଲା ପଛରେ ରହିଲେ । ଏଠି Classis ରୁ ୫୫ କି.ମି. ଯାତ୍ରା କରିବା ପରେ ଫ୍ରାନ୍‌ସର ବର୍ଡର୍ ପାର୍ କରି ବେଲ୍‌ଜିୟମ୍ ଦେଶରେ ପ୍ରବେଶ କଲେ । ପ୍ରୋଗ୍ରାମ୍ ମୁତାବକ ବର୍ଡର୍ କ୍ରସ୍ କରି ଏଠାରୁ ଆଉ ୫୫ କି.ମି ଯାତ୍ରା କରିବା ପରେ ମୋଟର୍ ଓ୍ୱେ ରେ ଗୋଟିଏ ରେଷ୍ଟୁରାଂଟ୍ Hotel Brugge Oostakamp ରେ ଯୋହର ଓ ଅସର୍ ନମାଜ ପାଠ କରିବା ଓ ଭୋଜନ କରିବାର ବ୍ୟବସ୍ଥା କରାଯାଇଥିଲା । ଜର୍ମାନୀରୁ ଖୁଦାମ୍‌ମାନଙ୍କର ଗୋଟିଏ ଟିମ୍ ଏହି ସବୁ କାର୍ଯ୍ୟ ସମ୍ପାଦନା କରିବା ନିମନ୍ତେ ଏବଂ ଅନ୍ୟାନ୍ୟ ସୁବ୍ୟବସ୍ଥା କରିବା ପାଇଁ ଏଠାରେ ପହଂଚିଥିଲେ ।

ଦିନ ୪:୧୦ ମିନିଟ୍‌ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏଠାରେ ପହଂଚିଲେ । ହଜୁର୍‌ଙ୍କ ଗାଡ଼ିରୁ ବାହାରକୁ ବାହାରିବା କ୍ଷଣି ମୋକରମ୍ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ ଅମୀର୍ ଯମାତ୍ ଜର୍ମାନୀ ଏବଂ ମୋକରମ୍ ହଇଦର୍ ଅଲୀ ଜଫର୍ ସାହେବ୍ ମୋବଲ୍ଲିଗ୍ ଇନ୍‌ଚାର୍ଜ ଜର୍ମାନୀ ନିଜ ପ୍ରୀୟ ଆକାଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହି ଅମୀର୍ ଯମାତ୍ ଜର୍ମାନୀଙ୍କ ସହିତ କଥାବାର୍ତା କଲେ ।

ଯୋହର୍ ଓ ଅସର୍ ନମାଜ ପଢ଼ିବା ପାଇଁ ରେଷ୍ଟୁରାଂଟ୍‌ର ଗୋଟିଏ ହଲ୍‌ରେ ବ୍ୟବସ୍ଥା କରାଯାଇଥିଲା । ହଜୁର୍ ଅନୁଓ୍ୱର୍ ଯୋହର୍ ଓ ଅସର୍ ନମାଜ ଯମା କରି ପଢ଼ାଇଲେ । ନମାଜ ପରେ ହଜୁର୍ ଅନୁଓ୍ୱର୍ କାଫିଲାର ପଂଚମ ଗାଡ଼ି ବିଷୟରେ ପଚାରି ବୁଝିଲେ ଯେ ଏବେ ସେ କେଉଁଠି ପହଂଚିଲାଣି । କାଫିଲାର ଗୋଟିଏ ଗାଡ଼ି ଆଉ ଗୋଟିଏ ଟ୍ରେନ୍‌ରେ ଲଦା ହୋଇଥଲା, ଯିଏ ଅଧଘଂଟା ପରେ ବାହାରିଥିଲା । ହଜୁର୍ ଅନୁଓ୍ୱର୍‌ଙ୍କୁ ଜଣାଇ ଦିଆଗଲା ଯେ ତାହା Classis ପହଂଚିସାରିଲାଣି ବୋଲି ଓ ବର୍ତମାନ ମୋଟର୍ ଓ୍ୱେ ରେ ଯାତ୍ରା କରୁଛି । ହଜୁର୍ ଅନୁଓ୍ୱର୍ ନିର୍ଦ୍ଦେଶ ଦେଲେ ଯେ ତାଙ୍କୁ କହିଦିଅ ଯେ ଗାଡ଼ି ଧିରେ ଚଳାଇବେ । ସାଧାରଣ speed ରେ ଆସିବେ ଏବଂ ସାବଧାନୀ ଗ୍ରହଣ କରି ଗାଡ଼ି ଚଳାଇବେ । ଏଠାରେ ପହଂଚି ସାଥିରେ ମିଶିଯିବେ ତ ଠିକ୍ ନଚେତ୍ ପରେ ପହଂଚିବେ । ସୁତରାଂ ଏହାପରେ ସେହି ଗାଡ଼ି ଏହି ସ୍ଥାନରେ କାଫିଲା ସହିତ ଯୋଗ ଦେଲା । ନମାଜ ପାଠ ଓ ଦ୍ୱିପ୍ରହର ଭୋଜନ ପରେ ଏଠାରୁ ସଂଧ୍ୟା ୫:୪୦ ରେ ଫ୍ରନ୍‌କଫ୍ରଟ୍ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ରାସ୍ତାରେ ଆଖନ୍ ଠାରେ ବେଲ୍‌ଜିୟମ୍ ବର୍ଡର ପାର କରିବା ପରେ ଜର୍ମାନୀରେ ପ୍ରବେଶ କଲେ । ଏଠାରେ ଗୋଟିଏ ରେଷ୍ଟୁରାଂଟ୍‌ର ପାର୍କିଂ ଏରିଆରେ କିଛି ସମୟ ପାଇଁ ରହିଲେ । ଏହାପରେ ଫ୍ରଙ୍କ୍‌ଫର୍ଟ ପର୍ଯ୍ୟନ୍ତ ପାଖାପାଖି ୬୦୦ କି.ମି ଯାତ୍ରା କରିବା ପରେ ରାତି ୧୦:୨୫ ମିନିଟ୍‌ରେ ହଜୁର୍ ଅନୁଓ୍ୱର୍‌ଙ୍କର ଜର୍ମାନୀର ମର୍କଜ ବଇତୁଲ୍ ସବୁହ୍ ଫ୍ରାଙ୍କ୍‌ଫ୍ରଟ୍‌ରେ ଶୁଭଗାମନ ହେଲା ।

ବଇତୁଲ୍ ସବୁହ୍‌ର ପାଖାପାଖି ସ୍ଥାନରେ ଯେଉଁ ରାସ୍ତା ଦେଇ ବଇତୁଲ୍ ସବୁହ୍ ପହଂଚିଯାଏ ସେଠାରେ ଅଚାନକ ଗୋଟିଏ ଦୁର୍ଘଟଣା ହେବା ଯୋଗୁଁ ସେହି ରାସ୍ତାକୁ ବନ୍ଦ୍ କରି ଦିଆଯାଇଥିଲା । ସେଥିପାଇଁ କାଫିଲା ଆଉ ଗୋଟିଏ ରାସ୍ତା ଦ୍ୱାରା ବଇତୁଲ୍ ସବୁହ୍ ପହଂଚିଲା । ଜହୁର୍ ଅନୁଓ୍ୱର୍ ଯେତେବେଳେ ଏକଥା ଜାଣିଲେ ଯେ ଦୁର୍ଘଟଣା ଯୋଗୁଁ ଆଉ ଗୋଟିଏ ରାସ୍ତା ଗ୍ରହଣ କରାଯାଇଛି ବୋଲି । ସଙ୍ଗେ ସଙ୍ଗେ ହଜୁର୍ ଅନୁଓ୍ୱର୍ ନିର୍ଦ୍ଦେଶ ଦେଲେ କି ମାଲୁମ୍ କରି ବତାନ୍ତୁ ଯେ ଏହି ଦୁର୍ଘଟଣା ରେ କୌଣସି ଅହେମଦୀ ବନ୍ଧୁ ବା ଅହେମଦୀ ଫ୍ୟାମିଲି ତ ନାହାଁନ୍ତି । ସୁତରାଂ ସେହି କ୍ଷଣି ଜର୍ମାନୀ ଯମାତ୍ ର କାଫିଲାକୁ ଲିଡ୍ କରୁଥିବା କାର୍‌ରେ ଜେନେରାଲ୍ ସେକ୍ରେଟାରୀ ସାହେବ୍ ମାଲୁମ୍ କରି ଜଣାଇଲେ ଯେ ଏହି ଦୁର୍ଘଟଣା

ରେ କୌଣସି ଅହେମଦୀ ବା ଫ୍ୟାମିଲି in-volve ନାହାନ୍ତି । ବଇତୁଲ୍ ସବୁହ୍ ଠାରେ ପହଂଚିବା କ୍ଷଣି ଯେବେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବାହାରକୁ ବାହାରିଲେ ସେତେବେଳେ ଫ୍ରଙ୍କଫ୍ରଟ୍ ଓ ଆଖ ପାଖର ଯମାତ୍ ଓ ଜର୍ମାନୀର କିଛି ସହରରୁ ଆସିଥିବା ଯମାତି ପୁରୁଷ ଓ ମହିଳା ପୁଅ ଝିଅ ମାନେ ନିଜ ପ୍ରୀୟ ଆକାଙ୍କୁ ବହୁତ ଉତ୍ସାହିତ ହୋଇ ସ୍ୱାଗତ କଲେ । ଚାରିଆଡ଼େ ପ୍ରେମ ଓ ଆସ୍ଥାର ଧ୍ୱନୀ ନିର୍ଗତ ହେଉଥିଲା ।...

ମୋକରମ୍ ଇଦରିସ୍ ଅହେମଦ୍ ସାହେବ୍ ଲୋକଲ୍ ଅମୀର୍ ଫ୍ରାଙ୍କଫ୍ରୟ୍, ମୋକରମ୍ ଇମ୍ତିଆଜ୍ ଶାହିଦ୍ ସାହେବ୍ ମୋବଲ୍ଲିଗ୍ ଫ୍ରାଙ୍କଫ୍ରଟ୍, ମୋକରମ୍ ମୁବାରକ ଯାୱେଦ୍ ସାହେବ୍ ଜେନେରାଲ୍ ସେକ୍ରେଟାରୀ ଫ୍ରାଙ୍କଫ୍ରଟ୍ ଇମାରତ୍ ଏବଂ ମୋକରମ୍ ଅବ୍ଦୁସ୍ ସମିଇ ସାହେବ୍ ଶୋଦା ଯାଏଦାଦ୍ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇ କର ମର୍ଦନର ସୌଭାଗ୍ୟ ପ୍ରାପ୍ତ କଲେ ।

ଏମାନଙ୍କ ବ୍ୟତୀତ ବିଭିନ୍ନ ସହର ଓ ଯମାତ୍‌ରୁ ଆସିଥିବା ନିମ୍ନଲିଖିତ ଯମାତ୍‌ର ଲୋକେ ବହୁତ ଦୂରଦୂରାନ୍ତରୁ ହଜୁରଙ୍କୁ ସ୍ୱାଗତ ଜଣାଇବା ପାଇଁ ଆସିଥିଲେ ।

| | |
|---|---|
| Friedberg | Hanau |
| Offenbach | Grobgerau |
| Bad Homburg | Dietzenbanch |
| Giebek | Koln |
| Koblenz | Limburg |
| Muhlherm | Heidelberg |
| —— | Hamburg |

କୋବଲଜ୍‌ରୁ ୧୩୦କି.ମି, କୋଲୋନ୍‌ରୁ ୧୭୦ କି.ମି., ଗୋଲ୍ ହାଏମ୍‌ରୁ ୫୫୦ କି.ମି ଓ ହେମ୍‌ବ୍ରଗ୍‌ରୁ ୬୦୦ କି.ମି ଲମ୍ବା ଯାତ୍ରା ଅତିକ୍ରମ କରି ଏମାନେ ଏଠାରେ ପହଂଚିଥିଲେ । ସ୍ୱାଗତ ଜଣାଇବାକୁ ଆସିଥିବା ପୁରୁଷ, ମହିଳା ଓ ପିଲାମାନଙ୍କର ସଂଖ୍ୟା ୨୪୫୦ ପାଖାପାଖି ଥିଲା ।

ସଂଧ୍ୟା ୧୦:୪୦ ମିନିଟ୍‌ରେ ହଜୁର୍ ଅନୁଓ୍ୱର୍ ଆସି ନମାଜ୍ ମଗରିବ୍ ଓ ଇଶା ଏକତ୍ର ପଢ଼ାଇଲେ । ନମାଜ ପରେ ହଜୁର୍ ନିଜ ଆବାସ ସ୍ଥଳୀକୁ ଗମନ କଲେ ।

ଜର୍ମାନୀର ଅହେମଦୀଙ୍କ ବ୍ୟତିତ ବହୁ ସଂଖ୍ୟାରେ ଯୁବକମାନେ ଥିଲେ ଯେଉଁମାନେ ପାକିସ୍ଥାନରୁ କୌଣସି ମାଧ୍ୟମରେ ଏଠାରେ ପହଂଚିଥିଲେ । ତେଣୁ ହଜୁରଙ୍କ ପଛରେ ପ୍ରଥମଥର ପାଇଁ ସେମାନେ ନମାଜ ପାଠ କରିବାର ସୌଭାଗ୍ୟ ହାସଲ କଲେ ।

**୨୦ ଅଗଷ୍ଟ ୨୦୧୭ (ରବିବାର)**

ହଜୁର୍ ଅନୁଓ୍ୱର୍ ପ୍ରତ୍ୟୁଷ ୫:୨୫ ରେ ଆସି ନମାଜ ଫଜର୍ ପଢ଼ାଇଲେ । ନମାଜ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳେ ଡାକ ଦେଖିଲେ ଓ ଚିଠିପତ୍ର ଗୁଡ଼ିକୁ ଅନୁଧ୍ୟାନ କରି ଜରୁରୀ ନିର୍ଦ୍ଦେଶ ଦେଲେ । ପୁଣି ବିଭିନ୍ନ ଦଫତରି କାର୍ଯ୍ୟଗୁଡ଼ିକୁ ସମ୍ପାଦନ କଲେ ।

ଫ୍ୟାମିଲି ସାକ୍ଷାତ୍‌କାର

ପ୍ରୋଗ୍ରାମ୍ ମୁତାବକ ସକାଳ ୧୧:୨୦ ରେ ହଜୁର୍ ନିଜ ଦଫ୍‌ତରକୁ ଆସିଲେ ଓ ଫ୍ୟାମିଲି ସାକ୍ଷାତ୍‌କାର ଆରମ୍ଭ ହେଲା । ଏହି ସେଶନ୍‌ରେ ୬୦ ଟି ଫ୍ୟାମିଲିରୁ ୧୯୦ ଜଣ ଲୋକ ହଜୁରଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ହାସଲ କଲେ । ସାକ୍ଷାତ୍ କରିବାକୁ ଆସିଥିବା ଫ୍ୟାମିଲି ଗୁଡିକ ଜର୍ମାନୀର ନିମ୍ନଲିଖିତ ଯମାତଗୁଡ଼ିକରୁ ଆସିଥିଲେ ।

| | |
|---|---|
| Reichelshiem | Dietzenbach |
| Hanau | Werfer |
| Riedstadt | Friedberg |
| Stuttgart | Mainz |
| Calw | Pforzheim |
| Pfunsgtadt | Waiblingen |
| Morfeldon | Reinheim |
| Ginsheim | Rodermark |
| ଲମ୍ବର୍ଗ | Eppelheim |
| ଫ୍ରାଙ୍କଫ୍ରଟ୍ | ଗ୍ରାସ ଗିରାଓ |

କିଛି ଫ୍ୟାମିଲି ଓ ଲୋକେ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ପହଂଚିଲେ । Pforzheim ରୁ ୧୮୦ କି.ମି., Koln ରୁ ୧୯୦ କି.ମି., Stuttgart ରୁ ୨୧୫ କି.ମି. ଓ Waiblingen ରୁ ଆସିଥିବା ଲୋକମାନେ ଓ ଫ୍ୟାମିଲି ୨୨୦ କି.ମି ଯାତ୍ରା ଅତିକ୍ରମ କରି ପ୍ରୀୟ ଆକାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସମସ୍ତେ ହଜୁରଙ୍କ ସହିତ ଫଟୋ ଉତୋଳନ କଲେ । ହଜୁର୍ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ଓ ଶିକ୍ଷାର୍ଥୀମାନଙ୍କୁ କଲମ ଉପହାର ଦେଲେ ।

**ଫ୍ୟାମିଲି ସାକ୍ଷାତ୍‌କାର**

ପ୍ରୋଗ୍ରାମ୍ ମୁତାବକ ସଂଧ୍ୟା ୬ ଟା ରେ ହଜୁର ଅନୁଓ୍ୱର୍ ଦଫ୍‌ତର୍ ଆସିଲେ ଓ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା ।

ଆଜି ସଂଧ୍ୟାର ଏହି ସେଶନ୍‌ରେ ୬୦ ଟି ଫ୍ୟାମିଲିରୁ ୨୨୯ ଜଣ ଲୋକ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସମସ୍ତେ ହଜୁରଙ୍କ ସହିତ ଫଟୋ ଉଠିଲେ । ଶିକ୍ଷାର୍ଥୀମାନଙ୍କୁ ହଜୁର୍ ସ୍ନେହର ସହିତ କଲମ ଉପହାର ଦେଲେ ସେହିପରି ଛୋଟ ପୁଅ ଓ ଝିଅ ମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଆଜି ସଂଧ୍ୟାର ଏହି ସେଶନ୍‌ରେ ଜର୍ମାନୀରୁ ୩୧ ଟି ଭିନ୍ନ ଭିନ୍ନ ଯମାତ ଓ ସହରରୁ ଲୋକେ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ଯେଉଁମାନଙ୍କ ମଧ୍ୟରୁ କିଛି ଲୋକ ଓ କିଛି ଫ୍ୟାମିଲି ବହୁତ ଦୂର ଯାତ୍ରା କରି ଏଠାରେ ପହଂଚିଲେ । Euskirchen ଓ Iserlohn ରୁ ୨୦୦ କି.ମି., ମ୍ୟୁନିଷ୍ଟର୍ ରୁ ୨୭୦ କି.ମି, Bocholt ରୁ ୩୦୦ କି.ମି., Lorrach ରୁ ୩୫୦ କି.ମି., Waldshut ରୁ ୩୭୫ କି.ମି. ଏବଂ Berlin ରୁ ୫୫୦ କି.ମି. ଯାତ୍ରା କରି ନିଜର ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାକୁ ଏମାନେ ଏଠାରେ ପହଂଚିଲେ । ଏହି ଲୋକମାନେ ଯେଉଁ କିଛି କ୍ଷଣ ନିଜ ଆକାଙ୍କ ସହିତ ବିତାଇଲେ ତାହା ସେମାନଙ୍କ ପାଇଁ ବହୁତ ସ୍ମରଣୀୟ ହୋଇ ରହିଲା । ପ୍ରତ୍ୟେକ ବ୍ୟକ୍ତି ପ୍ରୀୟ ଆକାଙ୍କ ଠାରୁ ଦୁଆ (ଆଶୀର୍ବାଦ) ପ୍ରାପ୍ତ କଲେ । ଆଖିର ତୃଷ୍ଣା ମେଂଟିଲା । ସାକ୍ଷାତକାର ର ଏହି ପ୍ରୋଗ୍ରାମ୍ ୮:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)**

୯:୦୦ ରେ ହଜୁର୍ ଅନୁଓ୍ୱର ମସ୍‌ଯିଦ୍‌ର ହଲ୍‌ରେ ପ୍ରବେଶ କଲେ ଏବଂ ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା । ୨୯ ଜଣ ପୁଅ ଓ ଝିଅଙ୍କଠାରୁ ହଜୁର୍ ଅନୁଓ୍ୱର୍ ପବିତ୍ର କୋରାନ୍‌ରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ । ଏବଂ ଶେଷରେ ଦୁଆ କରାଇଲେ । ନିମ୍ନଲିଖିତ ସୌଭାଗ୍ୟଶାଳୀ ପୁଅ ଓ ଝିଅମାନେ ଆମିନ୍ ଉତ୍ସବରେ ସାମିଲ୍ ହେବାର ଗୌରବ ହାସଲ କଲେ ।

ଅଜିଜମ୍ ହମାଦ୍ ଚିମା, ଅଜିଜମ୍ ଯଶବ୍ ଅହେମଦ୍, ଶାଜିଲ୍ ଅହେମଦ୍ ଖାଁ, ନଦୀମ୍ ରହିମ୍ ଅହେମଦ, ସମୀର୍ ସୁଲେମାନ୍ ଅହେମଦ୍, ମାହିଦ୍ ମୁବାରକ୍ ଅହେମଦ୍, ଆଲିଆନ୍ ଅହେମଦ କାହାଲୁଁ, ଶର୍‌ଜିଲ୍ ଅହେମଦ୍ ଶାହ, ସର୍‌ମଦ୍ ମୁବଶିର୍, ରାନା ଯାଜିବ୍ ଅହେମଦ୍, ମହମ୍ମଦ୍ ଅବ୍‌ଦୁଲ୍ଲାଃ ଯାୱେଦ୍, ଜରୟାଦ୍ ଅହେମଦ୍ ଆଫ୍‌ତାବ୍, ଅଜିଜା ମରିୟମ୍ ବାୟୱାଃ, ଫରିହା ଯାୱେଦ୍, ହଲ୍‌ୱାଃ ସହର୍ ଅହେମଦ୍, ସବିକା ଚିମା, ରାବିଆଃ ଅକ୍‌ବର୍, ଅଏଶା ଦାଉଦ୍, ଆଇଶା ନୱିଦ୍, ରିଦା ବୁଶ୍‌ରା ନୱିଦ୍, ମାହିଦା ଖାଲିଦ୍, ଫାଏଜା ତାହେର୍, ଅତିଅତୁସ୍ ସଲାମ୍, ମାହିରା ରଜା, ତନ୍‌ଜିଲା ଅହେମଦ୍, ବାସ୍‌ସା କଶଫ୍ ରାନ୍‌ଝା ଓ ନିଦାଉର୍ ରହ୍‌ମାନ୍

ଏହାପରେ ହଜୁର୍ ଅ:ବ:ଅ ମଗରିବ୍ ଓ ଇଶା ନମାଜ ଏକତ୍ର ଯମା କରି ପଢ଼ାଇଲେ । ନମାଜ ପରେ ହଜୁର୍ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**୨୧ ଅଗଷ୍ଟ ୨୦୧୭ (ସୋମବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୫:୨୫ ରେ ଆସି ଫଜର୍ ନମାଜ ପଢ଼ାଇଲେ ଏହାପରେ ନିଜ ଆବାସସ୍ଥଳୀକୁ ଗଲେ । ସକାଳେ ହଜୁର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଓ ରିପୋର୍ଟସ୍ ଇତ୍ୟାଦି ଦେଖିଲେ ଓ ନିଜ ହାତରେ ନିର୍ଦ୍ଦେଶଗୁଡିକ ଲେଖିଲେ । ଏହିପରି ଦଫ୍‌ତରି କାର୍ଯ୍ୟଗୁଡ଼ିକରେ ହଜୁର୍ ଲିପ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ସକାଳ ୧୧ ଟାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତରକୁ ଆସିଲେ ଓ ଫ୍ୟାମିଲି ସାକ୍ଷାତ୍‌କାର ଆରମ୍ଭ କରାଇଲେ । ଆଜି ସକାଳର ଏହି ସେଶନ୍‌ରେ ୫୬ ଟି ଫ୍ୟାମିଲିର ୧୪୬ ଜଣ ଲୋକ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସମସ୍ତେ ହଜୁରଙ୍କ ସହିତ ଫଟୋ ଉଠାଇଲେ । ହଜୁର୍ ଶିକ୍ଷାର୍ଥୀମାନଙ୍କୁ କଲମ ଓ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଆଜି ସାକ୍ଷାତ୍ ପାଇଁ ଯେଉଁ ଫ୍ୟାମିଲି ଆସିଥିଲେ ସେମାନେ ଜର୍ମାନୀର ୩୫ ଟି ଭିନ୍ନ ଭିନ୍ନ ଯମାତ୍ ଓ ସହରରୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ବହୁତ ଗୁଡ଼ିଏ ଫ୍ୟାମିଲି ବହୁତ ଦୂର ଦୂରାନ୍ତରୁ ଯାତ୍ରା କରି ଏଠାକୁ ଆସିଥିଲେ ।...

ଏହି ସମସ୍ତ ଲୋକମାନେ ଯେଉଁଠି ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ସେଠି ପ୍ରତ୍ୟେକ ବ୍ୟକ୍ତି ଏହି ବାବରକତ୍ କ୍ଷଣରୁ ଅଗଣତି ବରକତ୍ ନେଇ ବାହାରକୁ ଆସିଲେ । ରୋଗୀମାନେ ସ୍ୱାସ୍ଥ୍ୟ ପାଇବା ପାଇଁ ଦୁଆ ହାସଲ୍ କଲେ । ବିଭିନ୍ନ ପ୍ରକାର ସମସ୍ୟାରେ ଘେରି ରହିଥିବା ଲୋକମାନେ ନିଜ ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବା ପାଇଁ ହଜୁରଙ୍କ ନିକଟରେ ଦୁଆ କରିବା ପାଇଁ ଦରଖାସ୍ତ କଲେ ଓ ଆତ୍ମ ସନ୍ତୋଷ ଲାଭ କରି ବାହାରକୁ ଆସିଲେ ।... ଫ୍ୟାମିଲି ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ଦିନ ୧୨:୫୦ ମିନିଟ୍‌ରେ ଶେଷ ହେଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରକୁ ପ୍ରବେଶ କଲେ । ଯେଉଁଠି ଚଳିତ ବର୍ଷ ଭିତରେ ବିଭିନ୍ନ ମାଧ୍ୟମ ଦେଇ ପାକିସ୍ତାନ୍‌ରୁ ଜର୍ମାନୀ ପହଂଚିଥିବା ଯୁବକ ମାନଙ୍କ ସହିତ ସାକ୍ଷାତ୍‌କାର ର ପ୍ରୋଗ୍ରାମ୍ ରଖାଯାଇଥିଲା । ଏହି ଯୁବକ ମାନଙ୍କର ମୋଟ ସଂଖ୍ୟା ସାଢ଼େ ତିନିଶହ ପାଖାପାଖି ଥିଲା । ଆଜି ଏ ସମସ୍ତେ ଜୀବନର ପ୍ରଥମ ଥର ପାଇଁ ଖଲିଫତୁଲ୍ ମସିହ୍‌ଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଲେ । ଏମାନେ ଏହି ବ୍ୟକ୍ତି ଥିଲେ ଯିଏ ନିଜ ଦେଶରେ ଏବଂ ନିଜ ଦେଶର ଲୋକମାନଙ୍କ ଦ୍ୱାରା ନିଷ୍ପେଶିତ ହେଉଥିଲେ । ନିଜ ଘରବାଡ଼ିକୁ ଛାଡ଼ି ଏବଂ ନିଜ ପ୍ରିୟ ଲୋକମାନଙ୍କୁ ଛାଡ଼ି ଦୁଖ ଓ କୋହକୁ ନିଜ ଛାତିରେ ଚାପି ଅଲ୍ଲାଃତାଲାଙ୍କ ଇଛାରେ ରାଜି ହୋଇ ହିଜ୍‌ରତ୍ କରି ଏହି ଦେଶରେ ଆସି ରହୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଣ ଜଣ କରି ସମସ୍ତଙ୍କ ସହିତ ହାତ ମିଳାଇଲେ ଏବଂ ସମସ୍ତଙ୍କୁ ତାଙ୍କର ଅବସ୍ଥା ବିଷୟରେ ପଚାରି ବୁଝିଲେ ।...

ଜଣେ ଯୁବକ ଲଗାତାର କାନ୍ଦୁଥିଲେ । ଏବଂ କହିଲେ ଯେ ଯେବେଠାରୁ ମୁଁ ଜାଣିଲିଣି ବୁଝିଲିଣି ସେବେ ଠାରୁ ଆମେ

ହଜୁର୍ ଅନୁଓ୍ୱର୍‌ଙ୍କୁ କେବଳ ଟି.ଭି. ରେ ହିଁ ଦେଖୁଅଛୁ । ଆଜି ଜୀବନରେ ପ୍ରଥମ ଥର ପାଇଁ ନିଜ ସମ୍ମୁଖରେ ଏବଂ ପାଖରେ ହଜୁର୍‌ଙ୍କୁ ଦେଖୁଅଛି । ଏହି କିଛି କ୍ଷଣ ମୋ ପାଇଁ ଅବର୍ଣ୍ଣନୀୟ ଅଟେ । ମୁଁ କେଡ଼େ ଭାଗ୍ୟବାନ୍ ଅଟେ ଯେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖିପାରିଲି ଓ ହଜୁର୍ ମୋ ହାତକୁ ଧରି ରଖିଲେ । ମୁଁ ଆଗକୁ କିଛି କହିବା ପାଇଁ ଶକ୍ତି ପାଇଲି ନାହିଁ ।

ରବୁଓ୍ୱାରୁ ଆସିଥିବା ଜଣେ ଯୁବକ ଲଗାତାର କାନ୍ଦୁଥିଲେ । ଏବଂ କହିଲେ ଯେ ବର୍ତ୍ତମାନ ମୁଁ କିଛି କହିପାରିବି ନାହିଁ । ମୋ ହୃଦୟର ସ୍ପନ୍ଦନ ବହୁତ ବଢ଼ିଯାଇଛି ଏବଂ ଦେହ ଥରୁଅଛି । ମୁଁ ମୋ ଜୀବନରେ ପ୍ରଥମ ଥର ହଜୁର୍‌ଙ୍କୁ ଦେଖିଲି । ମୁଁ ଦ୍ୱିତୀୟ ଥର ପାଇଁ ହଜୁର୍‌ଙ୍କୁ ଦେଖିବାକୁ ଚାହୁଁଛି । ଏହା କହି ସେ ପୁଣି କାନ୍ଦିବାକୁ ଲାଗିଲେ । ଏବଂ ଆଉ କିଛି କହିପାରିଲେ ନାହିଁ ।

ଜଣେ ଯୁବକ କହିବାକୁ ଲାଗିଲେ ଯେ ଆଜି ମୋ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ମୁବାରକ ଦିବସ ଅଟେ । ଆଜି ମୁଁ ସାରା ଦୁନିଆର ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ କଲି । ଏଠାକୁ ଆସିବା ପୂର୍ବରୁ ମୋର ଏ ଅଭିଳାସ ଥିଲା ଯେ କାଳେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କର ହୋଇଯାଆନ୍ତା କି । ତିନିମାସ ପର୍ଯ୍ୟନ୍ତ ବିଭିନ୍ନ ମାର୍ଗ ଦେଇ କଠିନ ରାସ୍ତା ଉପରେ ଚାଲିଚାଲି ମୁଁ ଏଠାରେ ପହଂଚିଛି । ଏବଂ ମୁଁ ଆଜି ଖୁଦାଙ୍କୁ ଧନ୍ୟବାଦ ଜଣାଉଛି ଯେ ମୋ ଜୀବନର ସବୁଠାର ବଡ଼ ଇଛା ପୁରଣ ହୋଇଗଲା । ଆଜି ତିନିମାସର ଯାତ୍ରାର ଦୁଃଖ କଷ୍ଟକୁ ମୁଁ ଭୁଲିଯାଇଅଛି ।

ରବୁଓ୍ୱାରୁ ଆସିଥିବା ଜଣେ ଯୁବକ କହିବାକୁ ଲାଗିଲେ ଯେ ଆମେ ହେଉଛୁ କେଡ଼େ ଭାଗ୍ୟବାନ୍ ଯେ ଆଜି ପ୍ରଥମଥର ପାଇଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲୁ । ପାକିସ୍ତାନ୍‌ରେ ଏହିଭଳି ହଜାର ହଜାର ଲୋକ ଅଛନ୍ତି ଯେଉଁମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ତରଶୁଛନ୍ତି । କିନ୍ତୁ ସେମାନଙ୍କୁ କୌଣସି ଅବସର ମିଳୁନାହିଁ । ମୁଁ ଆଜି କେଡ଼େ ଭାଗ୍ୟବାନ୍ ଅଟେ ଯେ ଅଲ୍ଲାଃତାଲା ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରଦାନ କଲେ । ମୁଁ ଖୁଦାଙ୍କର ଯେତେ ପ୍ରଶଂସା କଲେ ବି ତାହା ବହୁତ କମ୍ । ଆଉ ଜଣେ ଯୁବକ କହିଲେ ଯେ ମୁଁ ଆଜି ମୋ ଭାବନାକୁ ବ୍ୟକ୍ତ କରିପାରୁନାହିଁ । ମୋତେ ଆଜି ଯେଉଁ ସୌଭାଗ୍ୟ ପ୍ରାପ୍ତ ହୋଇଛି ତାକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଭାଷା ନାହିଁ ।

ଲାହୋର୍ ର ଜଣେ ଯୁବକ କହିଲେ ବର୍ତ୍ତମାନ ମୁଁ ମୋର ନିଜର ବୁଦ୍ଧି ହଜାଇ ଦେଇଛି । ତାଙ୍କ ଆଖିଗୁଡ଼ିକରେ ଅଶ୍ରୁ ଭରି ରହିଥିଲା । ସେ କହିଲେ ବର୍ତମାନ ମୁଁ ମୋର ଭାବନାକୁ ବ୍ୟକ୍ତି କରିପାରୁନାହିଁ ଓ ମୋର ମୁହଁରୁ କଥା ବାହାରୁ ନାହିଁ ।

ଆଉଜଣେ ବନ୍ଧୁ କହିଲେ ଯେ ବାସ୍ତବରେ ଆଜି ମୋତେ ନୂଆ ଜୀବନ ମିଳିଛି । ମୁଁ ପାକିସ୍ତାନ୍‌ରୁ ଅଢ଼େଇ ମାସ ହେବ ଚାଲି ଚାଲି ଏଠି ଜର୍ମାନୀରେ ପହଂଚିଛି । ରାସ୍ତାରେ ବହୁତ ଗୁଡିଏ ଖାଲରେ ଜଙ୍ଗଲ ଭିତରେ କେତେ ମରିଯାଇଥିବା ଲୋକଙ୍କୁ ଦେଖିଲି । ଯେଉଁମାନେ ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିବା ପୂର୍ବରୁ ହିଁ ଯାତ୍ରାର ଦୁଃଖ କଷ୍ଟକୁ ସହି ନପାରି ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି । ଆମ୍ଭେ ଏହା ଦୁଆ କରୁଥିଲୁ ଯେ ଜର୍ମାନୀରେ ପହଂଚି ଆମେ ହଜୁର ଅନୁଓ୍ୱର୍‌ଙ୍କୁ ଦେଖିବୁ, ସାକ୍ଷାତ୍ କରିବୁ । ଆମର ଏହି ପ୍ରାର୍ଥନା ଏବଂ ଇଛା ଆମକୁ ଏଠାରେ ଜୀବିତ ରୁପେ ପହଂଚାଇଦେଲା । ଆଜି ମୁଁ କେଡ଼େ ସୌଭାଗ୍ୟଶାଳୀ ଯେ ମୋତେ ନିକଟରୁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖିବା ପାଇଁ ସୁଯୋଗ ମିଳିଲା । ହଜୁର୍ ମୋ ହାତକୁ ଧରିନେଲେ ଏବଂ ମୋ ସହିତ କଥା ହେଲେ । ବାସ୍ତବରେ ଆଜି ହିଁ ମୁଁ ଜୀବିତ ହୋଇଯାଇଛି ।

ଆଉ ଜଣେ ଯୁବକ କହିଲେ ଯେ ଖୁସି ମିଳିବା ସହ ମୋ ଶରୀର କମ୍ପନ କରୁଅଛି । ଯେତେବେଳେ ଆମେ ପାକିସ୍ତାନରେ ଥିଲୁ ସେତେବେଳେ ଭାବୁଥିଲୁ ଯେ କେବେ ସେହି ଦିନ ଆସିବ ଯେଉଁ ଦିନ ଆମେ ହଜୁର୍‌ଙ୍କ ସହିତ ମିଶି ପାରିବୁ । ଆଜିର ଦିନଟି ମୋ ପାଇଁ ଓ ମୋ ଫ୍ୟାମିଲି ପାଇଁ ସ୍ମରଣୀୟ ଦିନ ଅଟେ । ଆଜି ପାକିସ୍ତାନ୍‌ରେ ମୋ ଫ୍ୟାମିଲି ମଧ୍ୟ ବହୁତ ଖୁସି ଥିବ ଯେ ଆମ କୁଟୁମ୍ବ ଭିତରୁ ଜଣକୁ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ମିଳିଲା । ସାକ୍ଷାତ୍‌କାର୍ ର ଏହି ବରକତ୍ ମୋର ସମ୍ପୂର୍ଣ୍ଣ କୁଟୁମ୍ବ ମାନଙ୍କ ନିମନ୍ତେ ।

ଆଉ ଜଣେ ବନ୍ଧୁ କହିଲେ ଯେ ପାକିସ୍ତାନରେ ତ ଆମେ ଟି.ଭି ଦ୍ୱାରା ଦେଖୁଥିଲୁ । ଏବେ ନିଜ ସମ୍ମୁଖରେ ଅତି ନିକଟରେ ଦେଖି ମୋ ଶରୀର କମ୍ପୁଅଛି । ଆଜି ଖୁଦାତାଲା ମୋ ଉପରେ ବହୁତ ଦୟା କରିଛନ୍ତି ଏବଂ ମୋତେ ହଜୁରଙ୍କ ସହିତ ମିଳାଇ ଦେଇଛନ୍ତି । ମୁଁ ସାରା ଜୀବନ ଯଦି ଅଲ୍ଲାଃଙ୍କର ପ୍ରଶଂସା ଗାନ କରିବି ତେବେ ମଧ୍ୟ ଅଲ୍ଲାଃତାଲାଙ୍କର ଦୟାର୍ ହକ୍‌କୁ ମୁଁ ପୁରଣ କରିପାରିବି ନାହିଁ ।

ଖାରିୟାଁ ରୁ ଆସିଥିବା ଜଣେ ଯୁବକ କହିଲେ ଯେ ମୁଁ ବହୁତ ବଡ଼ ଭାଗ୍ୟବାନ ମନୁଷ୍ୟ ଅଟେ । ଆଉ କେବେ ଥରେ ମୌକା ମିଳିଯାଆନ୍ତା କି, ଯଦ୍ୱାରା ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ଦ୍ୱାରା ମିଶିପାରନ୍ତି ଏବଂ ନିକଟରୁ ଦେଖିପାରନ୍ତି । ପାକିସ୍ତାନ୍‌ରୁ ଆସି ଏଠାରେ ପହଂଚିବା ପରେ ଜୀବନର ଯେଉଁ ସବୁଠାରୁ ବଡ଼ ଇଛା ଥିଲା ତାହା ପୁରା ହୋଇଗଲା । ଏବଂ ମୋର ଆଉ କୌଣସି ଇଛା ନାହିଁ । ମୋତେ ସବୁକିଛି ମିଳିଯାଇଛି । ଘସିଟ୍ ପୁରା ରୁ ଆସିଥିବା ଜଣେ ଯୁବକ କହିଲେ ଯେ ଏଠାକୁ ଆସିବା ପୂର୍ବରୁ ଘର ଲୋକମାନଙ୍କର ଏହି ଇଛା ଥିଲା ଯେ ଯେତେବେଳେ ହଜୁର୍ ଜର୍ମାନ ଆସିବେ ସେତେବେଳେ ମୁଁ ହଜୁର୍‌ଙ୍କ ସହିତ ମିଶିବି ଏବଂ ଘରର ଲୋକମାନଙ୍କ ତରଫରୁ ତାଙ୍କୁ ସଲାମ୍ ପହଂଚାଇବି । ଆଜି ମୋର ଏବଂ ମୋ କୁଟୁମ୍ବର ମଧ୍ୟ ଏହି ଇଛା ପୁରଣ ହୋଇଗଲା । ତେଣୁ ଆଜିର ଏ ଦିନଟି ମୋ କୁଟୁମ୍ବ ମାନଙ୍କ ପାଇଁ ବହୁତ ଖୁସିର ଦିନ ଅଟେ ।

ଗୁଜୁରାଁଓ୍ୱାଲା ରୁ ଆସିଥିବା ଜଣେ ଯୁବକ ନିଜ ଭାବନାକୁ ବ୍ୟକ୍ତ କରି କହିଲେ ଯେ ମୋତେ ଏକ ପ୍ରକାର ଆତ୍ମ ସନ୍ତୋଷ ଏବଂ ଖୁସି ଲାଗୁଛି । ହଜୁର୍ ଅନୁଓ୍ୱର୍ ଆମକୁ ଖୁସି କରାଇଦେଲେ । ହଜୁର୍ ଅନୁଓ୍ୱର୍ ଆମକୁ ବହୁତ ପ୍ରେମ ଓ ସ୍ନେହ ଦେଇଛନ୍ତି ଏବଂ ମୋ ହାତକୁ ଧରି ରଖିଲେ । ମୋ ହାଲ୍ ବିଷୟରେ ପଚାରି ବୁଝିଲେ । ହଜୁର୍ ଅନୁଓ୍ୱର୍ ଏତେ ନମ୍ରତାର ସହିତ ବ୍ୟବହାର କରିଲେ ଯେ ମୁଁ ଜୀବନସାରା ଏହି ସାକ୍ଷାତ୍‌କୁ ଭୁଲି ପାରିବି ନାହିଁ ।

ରବୁଓ୍ୱା ରୁ ଆସିଥିବା ଆଉ ଜଣେ ଯୁବକ କହିଲେ ଯେ ଏହା ବର୍ଣ୍ଣନା ବାହାରେ । ମୁଁ କିଛି ବତାଇପାରିବି ନାହିଁ । ଏ ବାବଦରେ ମୁଁ କେବେ ଭାବିନଥିଲି ଯେ ଆମେ ଏଠାରେ ଜର୍ମାନୀରେ ପହଂଚିପାରିବୁ ଓ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିପାରିବୁ । ଆଜି ଗୋଟିଏ ଆଶ୍ଚର୍ଯ୍ୟ କଥା ହେଲା । ମୋତେ ଏପର୍ଯ୍ୟନ୍ତ ବିଶ୍ୱାସ ହେଉନାହିଁ ଯେ ମୋର ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ ହୋଇଯାଇଛି ଏବଂ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ଅଗଣତି ସ୍ନେହର ଭାଗିଦାରୀ ହୋଇପାରିବି ।

ସିୟାଲକୋଟ ଜିଲ୍ଲାରୁ ଆସିଥିବା ଜଣେ ଯୁବକ କହିଲେ ଯେ ସାକ୍ଷାତ୍‌କାର୍ ପରେ ହୃଦୟକୁ ଏକ ସନ୍ତୋଷ ଲାଭ ହେଲା । ମୋ ହୃଦୟ କାନ୍ଦୁଛି ଯେ ଖୁଦାତାଲା ମୋତେ ଖଲିଫାଙ୍କ ସହିତ ମିଶାଇ ଦେଇଛନ୍ତି । ହଜୁର୍‌ଙ୍କ ପଛରେ ମୁଁ ଦୁଇଦିନ ହେବ ନମାଜ ପଢୁଅଛି । ଏବଂ ହଜୁର୍ ଅନୁଓ୍ୱର୍‌ଙ୍କୁ ଦୂରରୁ ଦେଖୁଥିଲି, ଆଜି ବହୁତ ନିକଟରୁ ଦେଖୁଅଛି ଏବଂ କଥାବାର୍ତା ମଧ୍ୟ କରୁଅଛି । ପାକିସ୍ତାନ୍‌ରେ ଆମର ଏ ଇଛା ଥିଲା ଯେ ଆମେ ଯଦି ଆମେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶିପାରନ୍ତେ କି । ଆଜି ଅଲ୍ଲାଃତାଲା ଏହି ଇଛାକୁ ପୁରଣ କରିଦେଲେ ।

ସାଆଦୁଲ୍ଲାପୁରରୁ ଆସିଥିବା ଜଣେ ଯୁବକ କହିଲେ ଯେ ମୁଁ ମୋ ଖୁସିକୁ ବର୍ଣ୍ଣନା କରିପାରୁନାହିଁ । ମୋ ହୃଦୟ ସନ୍ତୋଷତାରେ ଭରିଯାଇଛି ।

ଅଧିକାଂଶ ଯୁବକ ଏ କଥାକୁ ପ୍ରକାଶ କଲେ ଯେ ଆମେ କଣ କହିବୁ । ଏତେ ଖୁସି ଅଛୁ ଯେ ଆମ ପାଖରେ ଏହାକୁ ବର୍ଣ୍ଣନା କରିବା ପାଇଁ ଶବ୍ଦ ନାହିଁ । ଆଜି ସେ ସବୁକିଛି ପାଇଯାଇଛୁ ଯାହା ଆମେ କେବେ ଭାବିନଥିଲୁ । ଆଜି ସାକ୍ଷାତ୍ କରିବାକୁ ଆସିଥିବା ଏହି ସବୁ ଲୋକ ଓ ଯୁବକ ମାନେ ନିଜର ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୧:୨୫ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ଗିଜନ ସହରରେ ମସ୍‌ଜିଦ୍ ବଇତୁଲ୍ ସମଦ ର ଉଦ୍‌ଘାଟନୀ ଉତ୍ସବ**

ଆଜି ପ୍ରୋଗ୍ରାମ୍ ମୁତାବକ ଗିଜନ୍ ସହରରେ ମସ୍‌ଜିଦ୍ ବଇତୁଲ୍ ସମଦ୍‌ର ଉଦ୍‌ଘାଟନ ଉତ୍ସବ ହେବାର କାର୍ଯ୍ୟକ୍ରମ ହେବାର ଥିଲା । ସଂଧ୍ୟା ୪:୫୫ ମନିଟ୍‌ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ଆସିଲେ ଏବଂ ଗିଜନ୍ ସହର ନିମନ୍ତେ ଯାତ୍ରା ଆରମ୍ଭ କଲେ । ଫ୍ରାଙ୍କଫ୍ରଟ୍‌ରୁ ଗିଜନ୍ ସହରର ଦୂରତା୫୫ କି.ମି. । ପାଖାପାଖି ୪୫ ମିନିଟ୍ ଯାତ୍ରା ପରେ ଯେବେ ହଜୁର୍ ଅନୁଓ୍ୱର୍ ଏକ ଗାଡ଼ି ସହରର ସୀମାରେ ଦାଖଲ ହେଲା ସେତେବେଳେ ସହରର ପୋଲିସ୍ କାଫେଲାକୁ ଏସ୍‌କର୍ଟ୍ ଦେଲେ । ପୋଲିସ୍ ଗାଡ଼ିଗୁଡ଼ିକ ବିଭିନ୍ନ ସ୍ଥାନରେ ରାସ୍ତା କ୍ଲିଅର୍ କରିବା ପାଇଁ ରଖାଯାଇଥିଲା । ୫:୪୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ସମଦ୍‌ରେ ପହଂଚିଲେ । ସ୍ଥାନୀୟ ଯମାତ୍‌ର ଲୋକମାନେ, ପୁରୁଷ ମହିଳାମାନେ ଏବଂ ପିଲାମାନେ ନିଜ ପ୍ରିୟ ଆକାଙ୍କୁ ଅପେକ୍ଷା କରିଥିଲେ । ଯେଉଁ କ୍ଷଣି ହଜୁର୍ ବାହାରକୁ ବାହାରିଲେ ଯମାତ୍‌ର ଲୋକମାନେ ବହୁତ ଉତ୍ସାହିତ ହୋଇ ସ୍ୱାଗତ ଜଣାଇଲେ । ଛୋଟ ଛୋଟ ପୁଅ ଝିଅମାନେ ଦୁଆଇଆ ନଜମ୍ ଏବଂ ଶୁଭାଗମନର ଗୀତ ପରିବେଷଣ କଲେ । ପ୍ରତ୍ୟେକ ଛୋଟ ଓ ବଡ଼ ନିଜର ହାତକୁ ଉଠାଇ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଉଥିଲେ । ସଦର ଯମାତ ଗିଜନ୍ ମୋକରମ୍ ଡକ୍ଟର୍ ତାହେର୍ ଶିରାଜ ସାହେବ୍, ରିଜିଓନାଲ୍ ଅମୀର୍ ହେସେନ୍ ମିଟେ ମୋକରମ୍ ମୋଜଫର୍ ସାହେବ୍, ମୋବୋଲିଗ୍ ସିଲ୍‌ସିଲା ଗିଜନ୍ ମୋକରମ୍ ଅର୍ସଲାନ ସନ୍ଧୁ ସାହେବ୍ ଏବଂ ମୋକରମ୍ ଅବ୍‌ଦୁର୍ ରହେମାନ୍ ସାହେବ୍ ନିରୀକ୍ଷକ ମସ୍‌ଜିଦ୍ ନିର୍ମାଣ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ସ୍ୱାଗତ ଜଣାଇଲେ ଏବଂ ହାତ ମିଳାଇଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଲଗାଯାଇଥିବା ଫଳକକୁ ଉନ୍ମୋଚନ କଲେ ଏବଂ ଦୁଆ କରାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରେ ଥିବା ପୁରୁଷମାନଙ୍କ ନିମନ୍ତେ ହଲ୍‌ରେ ପ୍ରବେଶ କଲେ । ଯୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ତା ସହିତ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଗଲା । ନମାଜ ପଢ଼ିବା ପରେ

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦର ଯମାତ୍ ଗିଜନ୍‌ଙ୍କ ଠାରୁ ମସ୍‌ଜିଦ୍ ସମ୍ବନ୍ଧୀୟ କିଛି କଥା ଜାଣିଲେ ସଦର୍ ସାହେବ୍ କହିଲେ ଯେ ଏହି ମସ୍‌ଜିଦ୍ ଟି ଗୋଟିଏ ପ୍ଲଟ୍ କୁ କିଣାଯାଇ ତା ଉପରେ ନିର୍ମାଣ କରାଯାଇଛି । ପ୍ଲଟ୍‌ର କ୍ଷେତ୍ରଫଳ ଏକହଜାର୍ ସ୍କୋୟାର୍‌ମିଟର୍ ଅଟେ । ମସ୍‌ଜିଦ୍‌ରେ ଦୁଇଟି ହଲ୍ ଅଛି । ପ୍ରତ୍ୟେକ ହଲ୍‌ର କ୍ଷେତ୍ରଫଳ ୬୧ ସ୍କୋୟାର୍ ମିଟର୍ ଅଟେ । ଏହି ମସ୍‌ଜିଦ୍‌ରେ ମୋଟ୍ ୧୯୦ ଜଣ ଲୋକ ନମାଜ ପଢ଼ିପାରିବେ । ଯମାତ୍‌ର ତଜନିଦ ସମ୍ବନ୍ଧରେ ସଦର ସାହେବ୍ କହିଲେ ଯେ ଏଠି ଯମାତ୍‌ର ସଂଖ୍ୟା ୨୯୦ ଅଟେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରୁ ବାହାରକୁ ଆସିଲେ । ଏବଂ ମସ୍‌ଜିଦ୍‌ର ବାହ୍ୟ ଇଲାକାରେ ଅଖରୋଟ୍‌ର ଗଛ ଲଗାଇଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମହିଳାମାନଙ୍କର ଟେଂଟ୍ ଭିତରକୁ ଗଲେ । ଯେଉଁଠି ପିଲାମାନେ ଗ୍ରୁପ୍ ଗ୍ରୁପ୍ ହୋଇ ପ୍ରାର୍ଥନା ମୂଳକ ନଜମ୍ ଉପସ୍ଥାପନ କଲେ ଏବଂ ମହିଳାମାନେ ହଜୁର୍ ଅନୁଓ୍ୱର୍‌ଙ୍କୁ ଦର୍ଶନ କଲେ । ହଜୁର ଅନୁଓ୍ୱର୍ ବହୁତ୍ ସ୍ନେହର ସହିତ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍‌ର ନିମ୍ନ ହଲ୍ ମଧ୍ୟକୁ ଆସିଲେ, ଯେଉଁଠି ମଜଲିସ୍ ଆମେଲା ଗିଜନ୍‌ର ମେମ୍ବର୍‌ମାନେ ହଜୁରଙ୍କ ସହିତ ଫଟୋ ଉଠାଇବାର ଗୌରବ ହାସଲ କଲେ । ଏହାପରେ ହଜୁର୍ ଗିଜନ୍ ଯମାତ୍‌ର ପ୍ରତ୍ୟେକ ଲୋକଙ୍କୁ ହାତ ମିଳାଇବା ପାଇଁ ସୁଯୋଗ ପ୍ରଦାନ କଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ୬:୨୫ ମିନିଟ୍‌ରେ ଗିଜନ୍ ସହରର କଂଗ୍ରେସ୍ ହଲ୍ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଏହି ହଲ୍‌ରେ ସରକାରୀ ଏବଂ ଅଣସରକାରୀ ଉତ୍ସବ ଗୁଡିକ ଅନୁଷ୍ଠିତ ହୋଇଥାଏ । ମସ୍‌ଜିଦ୍‌ର ଉଦ୍‌ଘାଟନ ଉତ୍ସବ ପ୍ରସଙ୍ଗରେ ଯମାତ ଅହେମଦୀୟା ଗିଜନ୍ ଏହି ହଲ୍‌ରେ ଗୋଟିଏ ଉତ୍ସବର ଆୟୋଜନ କରିଥିଲା । ଏହି ହଲ୍‌ଟି ମସ୍‌ଜିଦ୍ ବଇତୁଲ୍ ସମଦ୍‌ର ନିକଟରେ ଅବସ୍ଥିତ । ୫ ମିନିଟ୍ ଯାତ୍ରା ପରେ ୬:୩୦ ରେ ହଜୁର୍ ଏହି ହଲ୍‌ରେ ପହଂଚିଲେ । ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆର ପ୍ରତିନିଧିମାନେ ଏହି ଉତ୍ସବର କଭରେଜ ପାଇଁ ଆସିଥିଲେ । ଆଉ ଗୋଟିଏ ଗୃହର ପ୍ରେସ୍ କନ୍‌ଫରେନ୍‌ସର ବ୍ୟବସ୍ଥା କରାଯାଇଥିଲା । ହଜୁର୍ ଅନୁଓ୍ୱର୍‌ଙ୍କ ସେହି ଗୃହ ଭିତରେ ପ୍ରବେଶ ହେଲା ।

**ପ୍ରେସ୍ କନ୍‌ଫରେନ୍‌ସ**

ଏହି ପ୍ରେସ୍ କନ୍‌ଫରେନ୍‌ସ ରେ ଜର୍ମାନୀରେ ଗୋଟିଏ ନ୍ୟାସିନାଲ୍ ଟି.ଭି. ଚ୍ୟାନେଲ୍ ZDH Drehscheibe ଏବଂ ଦୁଇଟି ଖବରକାଗଜ Anzeiger Giebener ଏବଂ Giebener Alngemeile ର ପ୍ରତିନିଧିମାନେ ଓ ଜର୍ନାଲିଷ୍ଟମାନେ ଉପସ୍ଥିତ ଥିଲେ ।

ଜର୍ନାଲିଷ୍ଟ୍ ପ୍ରଥମ ପ୍ରଶ୍ନ ଏହା କଲେ ଯେ ଜର୍ମାନୀ କମ୍ୟୁନିଟି ଆପଣମାନଙ୍କ ପାଇଁ କେତେ ଗୁରୁତ୍ୱ ରଖୁଛି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ସବୁ ଅହେମଦୀମାନେ ସେ ଆଫ୍ରିକାର ଦୂର ଦୂରାନ୍ତ ସ୍ଥାନରେ ରହିଥାଉନା କାହିଁକି, ଜର୍ମାନୀ ବା ଦକ୍ଷିଣ ଆମେରିକା, ପୁର୍ବାଂଚଳ, ୟୁରୋପ, ଅଷ୍ଟ୍ରେଲିଆ ବା ଉତର ଆମେରିକାରେ ରୁହନ୍ତୁ ନା କାହିଁକି ସେ ସମସ୍ତେ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । କାରଣ ଏମାନେ ଏପରି ଲୋକ ଅଟନ୍ତି ଯେଉଁମାନେ ଏ ଯୁଗର ମୁସ୍‌ଲେହ୍‌କୁ ମାନିଛନ୍ତି । ଯାହାଙ୍କ ନିମନ୍ତେ ପୈଗମ୍ବର୍ ଇସ୍‌ଲାମ୍ ଆଁ ହଜ୍‌ରତ୍ ସ:ଆ:ସ ପେଶ୍‌ଗୋଇ କରୁଥିଲେ ଯେ ଶେଷ ଯୁଗରେ ଜଣେ ଏପରି ବ୍ୟକ୍ତି ଆସିବେ ଯିଏ ପ୍ଲାନ୍‌ର ବାସ୍ତବିକ ଶିକ୍ଷାକୁ ଜୀବିତ କରାଇବ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ଯେବେ ସେ ଆସିବେ ଏବଂ ଦାବି କରିବେ ତେବେ ତାଙ୍କୁ ମାନିନେବ । ତେଣୁ ଯେଉଁମାନେ ତାଙ୍କ ଉପରେ ଇମାନ୍ ଆଣୁଛନ୍ତି ସେ ସମସ୍ତେ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ସେ ଜର୍ମାନୀର ହୁଅନ୍ତୁ ବା ଆଫ୍ରିକାର ହୁଅନ୍ତୁ, ଋଷିଆର ହୁଅନ୍ତୁ ବା କେଉଁଠିକାର ବି ହୁଅନ୍ତୁ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ ଯେ ୟୁରୋପ୍‌ରେ ମୁସ୍‌ଲିମ୍‌ମାନଙ୍କ ବିରୁଦ୍ଧରେ ବଢ଼ୁଥିବା ଘୃଣାକୁ ଆପଣ କିପରି ଦେଖୁଛନ୍ତି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି ଯେଉଁ ଘୃଣାଭାବ ବଢ଼ି ଚାଲିଛି ସେ ସବୁ ବିଷୟକୁ ମୁଁ ଦୁଃଖର ସହିତ କହୁଛି ଯେ ଏହାର କାରଣ କିଛି ମୁସଲ୍‌ମାନ୍ ମାନଙ୍କର ଖରାପ କାର୍ଯ୍ୟକଳାପ ଯୋଗୁଁ ବା କିଛି କଠୋରପନ୍ଥୀମାନଙ୍କର ବିଭତ୍ସକାରୀ କାର୍ଯ୍ୟ ଇସ୍‌ଲାମ୍ ନାମରେ କରାଯାଉଛି ।...

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କଣ ଏପରି ବହୁତ ମୁସଲମାନ ଅଟନ୍ତି ଯେଉଁମାନେ ଆପଣଙ୍କ ସହିତ ଏକମତ ନୁହଁନ୍ତି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ତ ମୁଁ କହିସାରିଛି ଯେ ସେମାନେ ଆମ ସହିତ ଏକମତ ନୁହଁନ୍ତି ବୋଲି କିନ୍ତୁ ପୈଗମ୍ବର୍ ଇସ୍‌ଲାମ୍ ଆଁ ହଜ୍‌ରତ୍ ସ:ଆ:ସ ଙ୍କର ଏହି ପେଶ୍‌ଗୋଇ ଥିଲା ଯେ ମୁସଲମାନ ମାନଙ୍କ ମଧ୍ୟରୁ ଅଧିକାଂଶ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ଭୁଲିଯିବେ । ଏବଂ ସେମାନେ ଇସ୍‌ଲାମ୍‌ର ପବିତ୍ର ପୁସ୍ତକ କୋରାନ୍ ନଜିବ୍ ଭୁଲ୍ ବ୍ୟାଖ୍ୟା କରିବେ । ତେବେ ଯାଇ ଜଣେ ସଚ୍ଚା ମୁସ୍‌ଲେହ ଜନ୍ମ ହେବ ଯିଏ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ପ୍ରକାଶ କରିବ । ଯଦି ତ ସେମାନଙ୍କର ଅଧିକାଂଶ ଲୋକେ ଆମ ସହିତ ସହମତ ନୁହଁନ୍ତି ତେବେ ମଧ୍ୟ ବହୁତ ସଂଖ୍ୟାରେ ମୁସଲ୍‌ମାନେ ପ୍ରତ୍ୟେକ ବର୍ଷ ଆମ ସହିତ ସାମିଲ୍ ହେଉଛନ୍ତି । ଆଜିଠୁ ପାଖାପାଖି ୧୨୭ ବର୍ଷ ପୂର୍ବେ କେବଳ ଜଣେ ମାତ୍ର ବ୍ୟକ୍ତି ଥିଲେ ଯିଏ କାଦିଆନ୍‌ରେ ଗୋଟିଏ ଗ୍ରାମରେ ଥିଲେ ଏବଂ ସେ ଦାବି କରିଥିଲେ ସେ ସେହି ମୁସ୍‌ଲେହ ଅଟନ୍ତି ଯାହାଙ୍କ ସମ୍ବନ୍ଧରେ ପୈଗମ୍ବର୍ ଇସ୍‌ଲାମ୍ ସ:ଆ:ସ ପେଶ୍‌ଗୋଇ କରିଥିଲେ । ସେହି ଜଣେ ବ୍ୟକ୍ତି ଆଜି ୨୦-୩୦ ମିଲିୟନ୍‌ରେ ପରିବର୍ତନ ହୋଇସାରିଛନ୍ତି । ଏହି କମ୍ୟୁନିଟି ଦୁନିଆର ପ୍ରତ୍ୟେକ ସ୍ଥାନରେ ବିଦ୍ୟମାନ୍ । ସେହି ଲୋକମାନେ ଯିଏ ଆମ ସହିତ ସାମିଲ୍ ହେଉଛନ୍ତି ସେମାନଙ୍କ ମଧ୍ୟରୁ ହେଉଛନ୍ତି ଅଧିକ ମୁସଲ୍‌ମାନ୍ । ସେ ଯେତେବେଳେ ଅନୁଭବ କରୁଛନ୍ତି ଯେ ଯାହା ଆମେ କହୁଅଛୁ ତାହା ହିଁ ଇସ୍‌ଲାମ୍ ପ୍ରକୃତ ବ୍ୟାଖ୍ୟା ବୋଲି ଏବଂ ତାହା ପୈଗମ୍ବର୍ ଇସ୍‌ଲାମ୍ ଙ୍କ ସୁନ୍ନତ ମୁତାବକ ଅଟେ ସେତେବେଳେ ସେମାନେ ଆମକୁ ମାନିନେଉଛନ୍ତି ଏବଂ ଆମ ସହିତ ସାମିଲ୍ ହୋଇଯାଉଛନ୍ତି । ଆମର ଏ ଆଶା ଅଛି ଯେ ଦିନେ ନା ଦିନେ ସେମାନେ ସମସ୍ତେ ବା ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଶ୍ଚିତ ରୂପେ ବୁଝିଯିବେ ଏବଂ ଆମ ସହିତ ସାମିଲ୍ ହୋଇଯିବେ । ଏହି କାର୍ଯ୍ୟ ପାଇଁ ସମୟ ଲାଗିବ । ଧର୍ମୀୟ ଯମାତ୍ ଗୁଡିକ ସବୁବେଳେ ସମୟ ନେଇଥାଏ । ଇସାଇଅତ୍ କଣ ଗୋଟିଏ ଦିନରେ ବ୍ୟାପି ଯାଇଥିଲା ? ନୁହେଁ ବରଂ ୩୦୦ ବର୍ଷରୁ ଅଧିକ ସମୟ ଲାଗିଲା । ଯମାତ ଅହେମଦୀୟାର ପ୍ରତିଷ୍ଠାତା କହୁଛନ୍ତି ଯେ ତିନିଶହ ବର୍ଷ ପୁରଣ ହୋଇନଥିବ ଯେ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ମାନିନେବେ, ତା ହେଉଛି ଅହେମଦୀୟତ୍ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ ଯେ ଏହି ସବୁ ପରିସ୍ଥିତିରେ ୟୁରୋପ୍‌ର ରାଜନୈତିଜ୍ଞମାନେ ଏବଂ ସମାଜକୁ କଠୋରପନ୍ଥୀଙ୍କ ବିରୁଧରେ କଣ କରିବାକୁ ହେବ । ଆମକୁ କଣ କରିବାକୁ ପଡ଼ିବ ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ ନିଜେ ଏହି କଠୋରପନ୍ଥୀର ବିରୋଧି । ରାଜନୈତିଜ୍ଞ ହେବା ଯୋଗୁଁ ଆପଣମାନଙ୍କୁ ସଂସାରବାସୀଙ୍କୁ ପ୍ରକୃତ ବାର୍ତା ପହଂଚାଇବା ଉଚିତ୍ । ଯେପରି ଅହେମଦୀୟା କମ୍ୟୁନିଟି ପହଂଚାଉଛି । ଯଦି କେବେ ଏହି ବିନାଶକାରୀଙ୍କ ତରଫରୁ ଜୁଲମ୍ ଓ ଅତ୍ୟାଚାର କରାଯାଏ ଯାହାଦ୍ୱାରା ଲୋକମାନେ ପ୍ରଭାବିତ ହୁଅନ୍ତି, ଉଦାହରଣ ସ୍ୱରୂପ ଆତ୍ମଘାତି ହମ୍‌ଲା ବା ଫାଇରିଂ ବା ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ଦିଆଯାଉଛି । ତେବେ ଏହିପରି ଘଟଣା ପ୍ରେସ୍ ଏବଂ ମିଡ଼ିଆରେ ଗୋଟିଏ ବଡ଼ ଖବର ହୋଇଯାଉଛି । କିନ୍ତୁ ଅନ୍ୟପଟେ ହଜାର୍ ହଜାର୍ ଓ ଲକ୍ଷ ଲକ୍ଷ ଲୋକ ଶାନ୍ତିପୂର୍ଣ୍ଣ ଇସ୍‌ଲାମ୍ ଅର୍ଥାତ୍ ଅହେମଦୀୟତ୍‌କୁ ଗ୍ରହଣ କରୁଛନ୍ତି କିନ୍ତୁ ଆପଣମାନେ ଏହାର କୌଣସି ଖବର ଦେଉନାହାଁନ୍ତି । ଯଦି ଆପଣମାନେ ଲୋକମାନଙ୍କୁ ଏହା ଜଣାଉଛନ୍ତି ଯେ ଯଦିତ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଇସ୍‌ଲାମ୍ ନାମରେ ଖରାପ କାର୍ଯ୍ୟ କରୁଛନ୍ତି ସେଠି ଏପରି ମଧ୍ୟ ଲୋକ ଅଛନ୍ତି ଯେଉଁମାନେ ଭଲକାମ କରୁଛନ୍ତି, ଯେଉଁମାନେ ଇସ୍‌ଲାମ୍ ନାମରେ ଶାନ୍ତି, ପ୍ରେମ ଓ ଭାଇଚାରାର ବାର୍ତାକୁ ପ୍ରଚାର କରିଚାଲିଛନ୍ତି । ସେଥିପାଇଁ ଏପରି ଲୋକମାନଙ୍କୁ ମଧ୍ୟ ଦେଖିବା ଉଚିତ୍ । ଯଦି ଆପଣ ଏହି ଦୁଇ କଡ଼ର ବାସ୍ତବିକ ଚିତ୍ରକୁ ଉପସ୍ଥାପନ କରିବେ ତେବେ ପୁଣି ଲୋକମାନେ ଇସ୍‌ଲାମ୍‌ର ଗୋଟିଏ ରୂପ କେବଳ ଦେଖିବେ ନାହିଁ ବରଂ ଏହା ଦେଖିବେ ଯେ ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ଇସ୍‌ଲାମ୍‌ର ବାସ୍ତବିକ ଧ୍ୱଜା ବାହକ ଅଟନ୍ତି ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ ଆଉ ଗୋଟିଏ ସମସ୍ୟା ଅଛି, ଆପଣ ଇଂଟିଗ୍ରେସନ୍ ସପକ୍ଷରେ ଅଛନ୍ତି । ତେବେ କଣ ଆପଣମାନେ ଯିଏ ପୁରୁଷ ଏବଂ ସ୍ତ୍ରୀ ଙ୍କୁ ଅଲଗା ଅଲଗା ରଖୁଛନ୍ତି ତେବେ ଏପରି କଣ ଆପଣ ଏହିପରି ଇଂଟିଗ୍ରେସନ୍‌ର ହକ୍‌କୁ ପ୍ରଦାନ କରିପାରିବେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା କଣ କେବଳ ଗୋଟିଏ ସମସ୍ୟା ଯେ ଯାହା ବାସ୍ତବିକ ଇଂଟିଗ୍ରେସନ୍ ପାଇଁ ଜରୁରୀ ଅଟେ ? ନୁହେଁ । କେବଳ ଏହା ଗୋଟିଏ ସମସ୍ୟା ନୁହେଁ । ମୋ ମତରେ ଇଂଟିଗ୍ରେସନ୍ ହେଉଛି ଯେ ଆପଣ ନିଜ ଦେଶ ସହିତ ପ୍ରେମ କରନ୍ତୁ, କାନୁନ୍ ମାନି ଚଳନ୍ତୁ, ନିଜର ସବୁତକ ସାମର୍ଥ୍ୟ ଲଗାଇ ଦେଶର ଉନ୍ନତି ନିମନ୍ତେ କାର୍ଯ୍ୟ କରନ୍ତୁ ତେବେ ଯାଇ ଏହା ପ୍ରକୃତ ଇଂଟିଗ୍ରେସନ୍ ହେବ । ଯଦି ଆପଣ ଆଉ କୌଣସି ଦେଶରୁ ଆସିଛନ୍ତି ଏବଂ ଆପଣ ଏହି ନୂଆ ଦେଶରେ ନ୍ୟାସିନାଲିଟି ଗ୍ରହଣ କରିଛନ୍ତି ତେବେ ପୁଣି ଆପଣମାନଙ୍କୁ ଏହି ଦେଶ ଏବଂ ଏହି ଜାତି ସହିତ ବିଶ୍ୱସନୀୟ ଓ ନିଷ୍ଠା ଦେଖାଇବାକୁ ହେବ । ଏହା ହେଉଛି ଗୋଟିଏ କଥା । ଏବଂ ଦ୍ୱିତୀୟ କଥା ଟି ହେଉଛି ତେବେ ଆପଣ ପୁରୁଷ ଏବଂ ସ୍ତ୍ରୀ ମାନଙ୍କୁ ଅଲଗା ଅଲଗା ଦେଖୁଛନ୍ତି ତାହା ହେଉଛି ଗୋଟିଏ ଧର୍ମୀୟ ମାମଲା ଏବଂ ଧର୍ମୀ ଶିକ୍ଷାନୁସାରେ ଏହା କରାଯାଉଛି । ଏହା ସତ୍ତ୍ୱେ ମଧ୍ୟ ଆମ ଡାକ୍ତରାଣୀମାନେ ଡାକ୍ତରଖାନାର ପୁରୁଷ ଡାକ୍ତରଙ୍କ ସହିତ ମିଶି କାମ କରୁଛନ୍ତି । ପୁରୁଷ ନର୍ସମାନଙ୍କ ସହିତ ମିଶି କାମ କରୁଛନ୍ତି । ସେହି ପୁରୁଷ ଓ ସ୍ତ୍ରୀ ମାନଙ୍କୁ ରୋଗୀମାନଙ୍କୁ ସମାନଭାବେ ଚିକିତ୍ସା କରୁଛନ୍ତି । ଯେଉଁ ବୈଜ୍ଞାନିକମାନେ ଅଛନ୍ତି ସେମାନେ ଲାବ୍ରୋଟାରୀରେ ପୁରୁଷ ସ୍ତ୍ରୀ ମାନଙ୍କ ସହିତ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ......*

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*
ଅସ୍‌ସଲାମୋ ଆଲୈକୁମ୍ କହିଲେ । ଏହାପରେ କାଫିଲା ନିଜର ଯାତ୍ରା ଆରମ୍ଭ କଲା । ଦୁଇପଟେ ଛିଡ଼ା ହୋଇଥିବା ପୁରୁଷ ସ୍ତ୍ରୀ ଲୋକମାନେ ନିଜ ହାତକୁ ଉଠାଇ ପ୍ରିୟ ଆକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଉଥିଲେ । ବହୁତଙ୍କ ଆଖିରୁ ଅଶ୍ରୁ ବୋହୁଥିଲା ।...

ଫ୍ରାଙ୍କଫ୍ରଟ୍ (ଜର୍ମାନୀ) ରୁ ଲଣ୍ଡନ୍ ଯିବା ରାସ୍ତାରେ ବେଲ୍‌ଜିୟମ୍‌ର ମିଶନ୍ ହାଉସ୍ ବଇତୁସ୍ ସଲାମ୍ (ବ୍ରିସିଲ୍‌ଜ) ଠାରେ ରହିବାର ପ୍ରୋଗ୍ରାମ୍ ଥିଲା । ଫ୍ରାଙ୍କଫ୍ରଟ୍ ଠାରୁ ବ୍ରିସିଲ୍‌ଜ ପର୍ଯ୍ୟନ୍ତ ଦୂରତା ପାଖାପାଖି ୪୦୦ କି.ମି. ।

**ବ୍ରିସିଲ୍‌ଜ ଠାରେ କିଛି କ୍ଷଣ ପାଇଁ ରହଣି ଓ ମିଶନ୍ ହାଉସ୍‌ର ଅନୁଧ୍ୟାନ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦିନ ୧:୫୦ ରେ ଅହେମଦୀୟା ମିଶନ୍ ହାଉସ୍ ବଇତୁସ୍ ସଲାମ୍‌ରେ ପହଂଚିଲେ । ସ୍ଥାନୀୟ ଯମାତ୍‌ର ପୁରୁଷ ଓ ସ୍ତ୍ରୀ ଲୋକମାନେ ଏବଂ ନ୍ୟାଶିନାଲ୍ ଆମେଲାର ମେମ୍ବର୍‌ମାନେ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ମୋକରମ୍ ଡାକ୍ତର ଇଦ୍‌ରିସ୍ ଅହେମଦ୍ ସାହେବ୍ ଅମୀର ଯମାତ୍ ବେଲ୍‌ଜିଅମ୍ ଏବଂ ମୋକରମ୍ ହାଫିଜ ଏହ୍‌ଶାନ ସିକନ୍ଦର ସାହେବ ମେବୋଲିଗ୍ ଇନ୍‌ଚାର୍ଜ ବେଲ୍‌ଜିୟମ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ଦିନ ୨:୧୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌କୁ ଆସି ନମାଜ ଯୋହର୍ ଏବଂ ଅସର୍ ଏକାଠି ପଢ଼ାଇଲେ । ନମାଜ ପରେ ହଜୁର୍ ଯମାତ୍‌ର ସମସ୍ତ ଲୋକଙ୍କ ସହିତ ହାତ ମିଳାଇଲେ । ଏହାପରେ ହଜୁର୍ ମହିଳାମାନଙ୍କ ହଲ୍ ଭିତରକୁ ପ୍ରବେଶ କଲେ । ଯେଉଁଠି ମହିଳାମାନେ ଆପଣଙ୍କର ଦର୍ଶନ କଲେ ।

ଏହାପରେ ହଜୁର୍ ମିଶନ୍‌ର ବାହ୍ୟ ପ୍ରାଙ୍ଗଣ ବୁଲି ଦେଖିଲେ । ଯେଉଁଠାରେ ଭିନ୍ନ ଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା । ହଜୁର୍ ଅନୁଓ୍ୱର୍ ଏହି ଗଛଗୁଡିକ ବିଷୟରେ ପଚାରି ବୁଝିଲେ । ହଜୁର୍ କହିଲେ ଗଛ ଗୁଡିକ ଏପରି ଲଗାଇବା ଉଚିତ୍ ଯେପରି ପାର୍କିଂର ଯାଗା ମଧ୍ୟ ବାହାରି ପାରିବ ଏବଂ ଖେଳା ଖେଳି ପାଇଁ ମଧ୍ୟ କିଛି ଯାଗା ରହିବ ।

ମିଶନ୍ ହାଉସ୍‌ର ଦ୍ୱିତୀୟ ମହଲା ନୂଆ ନିର୍ମାଣ ହୋଇଛି ଏବଂ କେତେକ ଦଫ୍‌ତର୍ ସେଠାରେ ତିଆରି କରାଯାଇଛି । ହଜୁର୍ ସେହି ଦଫ୍‌ତର୍ ଗୁଡିକୁ ତଦାରଖ କଲେ । ଏଠାରେ ଶୋବା ଜେନେରାଲ୍ ସେକ୍ରେଟାରୀ, ଶୋବା ମାଲ୍, ଶୋବା ଉମୁରେ ଆମା, ଶୋବା ଇଶାଅତ୍ ଏବଂ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃର ଦଫ୍‌ତର୍ ଅଛି । ତଦାରଖ ପରେ ହଜୁର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଦିବା ୩:୧୫ ରେ ହଜୁର୍ ଆବାସସ୍ଥଳୀରୁ ବାହାରକୁ ଆସିଲେ ଏବଂ କିଛି ସମୟ ଲୋକମାନଙ୍କ ଗହଣରେ ବିତାଇଲେ । ଏହି ମୌକାରେ ସେହି ଲୋକମାନେ ଆପଣଙ୍କ ସହିତ ହାତ ମିଳାଇବାର ସୁଯୋଗ ପାଇଲେ ।

ଏହାପରେ ମୋକରମ୍ ଅମୀର୍ ଯମାତ୍ ଅହେମଦୀୟା ଜର୍ମାନୀ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍, ମୋବୋଲିଗ୍ ଇନ୍‌ଚାର୍ଜ ଜର୍ମାନୀ ମୋକରମ୍ ହଏଦର୍ ଅଲ୍ଲୀ ଜଫର୍ ସାହେବ୍, ଜେନେରାଲ୍ ସେକ୍ରେଟାରୀ ମୋକରମ୍ ଇଲିଆଜ୍ ଅହେମଦ ମଜୁକା ସାହେବ୍, ଆସିଷ୍ଟାଂଟ୍ ଜେନେରାଲ୍ ସେକ୍ରେଟାରୀ ମୋକରମ୍ ଯହିଆ ସାହେବ୍, ମୋକରମ୍ ଡାକ୍ତର ଅତହର୍ ଯୁବେର୍ ସାହେବ, ମୋକରମ୍ ଅବ୍‌ଦୁଲ୍ଲା ସପରା ସାହେବ ଏବଂ ମୋକରମ୍ ସଦର୍ ସାହେବ୍ ଖୁଦାମୁଲ୍ ଅହେମଦୀୟା ନିଜ ଖୁଦାମ୍ ର ସିକ୍ୟୁରିଟ୍ ଟିମ୍ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଜର୍ମାନୀରୁ ଏହି ଲୋକମାନେ ହଜୁର୍ ଅନୁଓ୍ୱର୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ପାଇଁ କାଫିଲା ସହିତ ଏଠାରେ ପହଂଚିଥିଲେ ।

ଦିନ ୩:୪୦ ରେ ଏଠାରୁ ଫ୍ରାନ୍‌ସର ବନ୍ଦର କାଲାସିସ୍ ଆଡ଼କୁ ଯାତ୍ରା ଆରମ୍ଭ ହେଲା ଏବଂ ସଂଧ୍ୟା ୫:୫୦ ମିନିଟ୍‌ରେ ଚ୍ୟାନେଲ୍ ଟନେଲ୍ ଠାରେ ପହଂଚିଗଲେ । ଜର୍ମାନୀରୁ ସାଙ୍ଗରେ ଆସିଥିବା ଲୋକେ ଓ ଖୁଦାମଙ୍କ ସିକ୍ୟୁରିଟି ଟିମ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ବିଦାୟ ଦେବା ପାଇଁ କାଫେଲା ସହିତ ରହିଲେ । ଏହିପରି ବେଲ୍‌ଜିୟମ୍‌ରୁ ମୋକରମ୍ ଅମୀର୍ ସାହେବ୍ ବେଲ୍‌ଜିୟମ୍ ମୋକରମ୍ ହାଫିଜ୍ ଏହ୍‌ସାନ୍ ସିକନ୍ଦର ସାହେବ୍ ମୋବୋଲିଗ୍ ଇନ୍‌ଚାର୍ଜ ବେଲ୍‌ଜିୟମ, ମୋକରମ୍ ଅସଦ୍ ମୁଜିବ୍ ସାହେବ୍ ମୋବୋଲିଗ୍ ସିଲ୍‌ସିଲା ଏବଂ ଜେନେରାଲ ସେକ୍ରେଟାରୀ, ରାଜା ଅବଦୁଲ୍ ଲତିଫ୍ ସାହେବ ସେକ୍ରେଟାରୀ ଜାଏଦାଦ୍, ସଦର ମଜଲିସ୍ ଅନ୍‌ସାରୁଲ୍ଲାଃ ଏମ୍.ଏ ଶନିମ୍ ସାହେବ୍ ଏବଂ ସଦର ମଜଲିସ୍ ଖୁଦାମୁଲ୍ ଅହେମଦୀୟା ମୋକରମ୍ ତୌସିଫ ଅହେମଦ୍ ସାହେବ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ଏଠାରୁ ଲଣ୍ଡନ ନିମନ୍ତେ ବିଦାୟ ସମ୍ବର୍ଦ୍ଧନା ଦେବାପାଇଁ କାଫିଲା ସହିତ ଆସିଥିଲେ ।

**ଲଣ୍ଡନ୍‌ରେ ଶୁଭାଗମନ ଏବଂ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍ ଠାରେ ଭବ୍ୟ ସ୍ୱାଗତ**

ପାସ୍‌ପୋର୍ଟ, ଇମିଜିରେସନ୍ ଏବଂ ଅନ୍ୟାନ୍ୟ କାଗଜପତ୍ରର କ୍ଲିଅରାନ୍‌ସ କରିବା ପରେ କାଫିଲାର ଗାଡ଼ି ଗୁଡିକ ବିଶେଷ ପାର୍କିଂ ଏରିଆରେ ଆସି ରହିଲେ । ଟ୍ରେନ୍ ଛାଡ଼ିବା ପାଇଁ କିଛି ସମୟ ବାକିଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି କ୍ଷଣ ପାଇଁ ନିଜ ଗାଡ଼ିରୁ ବାହାରକୁ ଆସିଲେ ।

ସଂଧ୍ୟା ୬:୫୦ ରେ କାଫିଲାର ଗାଡ଼ିଗୁଡିକ ଟ୍ରେନ୍‌ରେ ଲୋଡ୍ କରାଗଲା । ଟ୍ରେନ୍ ନିଜର ନିର୍ଦ୍ଧାରିତ ସମୟ ୭:୨୦ ମିନିଟ୍‌ରେ କାଲାସିସ୍‌ରୁ ବ୍ରିଟେନ୍‌ର ତଟବର୍ତ୍ତୀ ସହର ଡୋଭର୍ ଆଡ଼କୁ ଯାତ୍ରା ଆରମ୍ଭ କଲା । ପାଖାପାଖି ଅଧଘଂଟା ଯାତ୍ରା କରିବା ପରେ ଟ୍ରେନ୍ ଟି ଚ୍ୟାନେଲ୍ ଟନେଲ୍ ଅତିକ୍ରମ କରି ଡୋଭର୍ ପାଖରେ ବ୍ରିଟେନ୍‌ର ସ୍ଥଳ ଭାଗରେ ପ୍ରବେଶ କଲା । ଏବଂ ନିର୍ଦ୍ଧାରିତ ବିଶେଷ ଷ୍ଟେସନରେ ଯାଇ ରହିଲା । ପାଖାପାଖି ୧୦ ମିନିଟ୍ ଅବଧି ପରେ ଫ୍ରାନ୍‌ସ୍ ର ସମୟ ମୁତାବକ ୮ ଘଟିକା ଏବଂ ବ୍ରିଟେନ୍‌ର ସମୟ ମୁତାବକ ୭ ଘଟିକା ସମୟରେ କାଫିଲାର ଗାଡ଼ି ଗୁଡିକ ବାହାରକୁ ଆସିଲେ । ଏବଂ ମୋଟର୍ ଓ୍ୱେ ରେ ଯାତା ଆରମ୍ଭ ହେଲା । (ବ୍ରିଟେନ୍‌ର ସମୟ ଫ୍ରାନ୍‌ସର ସମୟ ଠାରୁ ଏକ ଘଂଟା ପଛୁଆ)

ମୋକରମ୍ ମନ୍‌ସୁର୍ ଅହେମଦ୍ ଶାହ୍ ସାହେବ୍ ନାଏବ ଅମୀର ଯମାତ୍ ୟୁ.କେ, ମୋକରମ୍ ଅତାଉଲ୍ ମୁଜିବ ରାଶିଦ୍ ସାହେବ, ମୋବୋଲିଗ୍ ଇନ୍‌ଚାର୍ଜ ୟୁ.କେ., ମୋକରମ୍ ସାହେବ୍ ଜାଦା ମିର୍ଜା ଓ୍ୱକାସ ଅହେମଦ୍ ସାହେବ୍ ସଦର ମଜଲିସ୍ ଖୁଦାମୁଲ୍ ଅହେମଦୀୟା ୟୁ.କେ, ମୋକରମ୍ ମିର୍ଜା ମେହ୍‌ମୁଦ୍ ଅହେମଦ୍ ସାହେବ୍ ସେଂଟ୍ରାଲ୍ ଅଡ଼ିଟର୍, ମୋକରମ୍ ମିର୍ଜା ନାସର୍ ଇନ୍‌ଆମ୍ ସାହେବ୍ ପ୍ରିନ୍‌ସିପାଲ୍ ଯାମିଆ ଅହେମଦିଆ ୟୁ.କେ, ମୋକରମ୍ ମୋବାରକ୍ ଅହେମଦ୍ ଜଫର୍ ସାହେବ୍ ଏଡ଼ିଶିନାଲ୍ ଓକିଲୁଲ୍ ମାଲ୍ ଲଣ୍ଡନ୍, ମୋକରମ୍ ଏଖଲାକ୍ ଅହେମଦ୍ ଅଞ୍ଜୁମ୍ ସାହେବ୍, ମୋକରମ୍ ଗାଲିବ ଜାଓ୍ୱେଦ୍ ସାହେବ୍ (ମେବୋଲିଗ୍ ସିଲ୍‌ସିଲା ଦଫତର୍ ପ୍ରାଇଭେଟ୍ ସେକ୍ରେଟାରୀ), ମୋକରମ୍ ସୟଦ୍ ମହମ୍ମଦ୍ ଅହେମଦ୍ ସାହେବ୍ (ନାଏବ ଅଫିସର୍ ବିଶେଷ ସୁରକ୍ଷା ଦଳ) ନିଜ ସୁକ୍ୟୁରିଟ୍ ଟିମ୍ ସହିତ ଏବଂ ଯମାତ୍‌ର ଅନ୍ୟାନ୍ୟ ଓ୍ୱହ୍‌ଦାଦାର୍‌ମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ଥିଲେ । ପାଖାପାଖି ଦେଢ଼ଘଂଟା ଯାତ୍ରା କରିବା ପରେ ସଂନ୍ଧ୍ୟା ୮:୩୦ ରେ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍ ଠାରେ ଶୁଭାଗମନ ହେଲା ଯେଉଁଠାରେ ଯମାତ୍‌ର ପୁରୁଷ ଓ ମହିଳା ବିଶିଷ୍ଟ ଗୋଟିଏ ବଡ଼ ସଂଖ୍ୟାର ଲୋକେ ନିଜ ପ୍ରିୟ ଆକାଙ୍କୁ ଅହଲଉଁ ଓ୍ୱ ସହଲଉଁ ଓ୍ୱ ମରହବା କହି ସ୍ୱାଗତ କରିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସ୍ନେହର ସହିତ ନିଜ ହାତକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମେ ଆଲୈକୁମ୍ କହିଲେ । ଏହାପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଏହିପରି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କର ଅତ୍ୟନ୍ତ ବାବରକତ୍ ଗସ୍ତ ଅଲ୍ଲାଃତାଲାଙ୍କ ଅଗଣତି କୃପା ଏବଂ ବରକତ୍‌କୁ ନିଜ ସାଥିରେ ରଖି ମହାନ୍ ସଫଳତା ସହିତ ସମାପନ ହେଲା । ଅଲ୍‌ହମ୍‌ଦୋଲିଲାହେ ଆଲା ଗାଲିକ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଯେଉଁ ଭାଗ୍ୟଶାଳୀ ବ୍ୟକ୍ତି ବିଶେଷଙ୍କୁ ଏହି ଯାତ୍ରାରେ ଯିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେଲା ସେମାନଙ୍କର ନାମ ଗୁଡିକ ନିମ୍ନରେ ରେକର୍ଡ଼ ପାଇଁ ଲେଖାଯାଉଅଛି ।

୧-ହଜ୍‌ରତ୍ ସୟଦା ହମତୁଲ୍ ସବୁହ୍ ସାହିବା ମଦ୍ଦେ ଜିଲ୍ଲହା (ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ସ୍ତ୍ରୀ)

୨-ମୋକରମ୍ ମୁନୀର ଅହେମଦ୍ ଜାଓ୍ୱେଦ୍ ସାହେବ୍ (ପ୍ରାଇଭେଟ୍ ସେକ୍ରେଟାରୀ)

୩-ମୋକରମ୍ ଆବିଦ୍ ଓ୍ୱହିଦ୍ ଖାନ୍ ସାହେବ୍ (ଇନ୍‌ଚାର୍ଜ ପ୍ରେସ୍ ଏଣ୍ଡ ମିଡ଼ିଆ ଅଫିସ୍ ଲଣ୍ଡନ୍)

୪-ମୋକରମ୍ ମେଜର୍ ମେହ୍‌ମୁଦ୍ ଅହେମଦ୍ ସାହେବ (ନାଏବ ଅଫିସର୍ ବିଶେଷ ସୁରକ୍ଷା ଦଳ ଲଣ୍ଡନ)

୫-ମୋକରମ୍ ନାଶେର୍ ଅହେମଦ୍ ସଇଦ୍ ସାହେବ୍ (ସୁରକ୍ଷା ବିଭାଗ)

୬-ମୋକରମ୍ ସଖାଓ୍ୱତ୍ ଅଲ୍ଲୀ ବାଜୁଆ ସାହେବ୍ (ସୁରକ୍ଷା ବିଭାଗ)

୭-ମୋକରମ୍ ମୋହସିନ୍ ଅଇଓ୍ୱାନ୍ ସାହେବ (ସୁରକ୍ଷା ବିଭାଗ)

୮-ମୋକରମ୍ ଖାଜା କୁଦୁସ୍ ସାହେବ୍ (ସୁରକ୍ଷା ବିଭାଗ)

୯-ମୋକରମ୍ ମେହ୍‌ମୁଦ୍ ଅହେମଦ୍ ଖାନ୍ ସାହେବ୍ (ସୁରକ୍ଷା ବିଭାଗ)

୧୦-ମୋକରମ୍ ବଶିର୍ ଅହେମଦ୍ ସାହେବ୍ (କାର୍‌କୁନ୍ ଦଫତର୍ ପ୍ରାଇଭେଟ୍ ସେକ୍ରେଟାରୀ)

୧୧-ଏ ଅଧମ ଅବଦୁଲ୍ ମାଜିଦ୍ ସାହେବ (ଏଡ଼ିଶିନାଲ୍ ଓକିଲୁଲ୍ ତବଶିର୍ ଲଣ୍ଡନ୍)

ମୋକରମ୍ ହମାଦ ମୋବିନ ସାହେବ ମୋବୋଲିଗ୍ ସିଲ୍‌ସିଲା (ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀ) ଏବଂ ମୋକରମ୍ ଅତହର୍ ଅହେମଦ୍ ସାହେବ୍ (କାରକୁନ ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀ) ଙ୍କୁ ମଧ୍ୟ କାଫିଲାରେ ସାମିଲ୍ ହେବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ।

ଯାମିଆ ଅହେମଦୀୟା କାନାଡ଼ାରୁ ୨୦୧୬ ମସିହାରେ ଉତୀର୍ଣ୍ଣ ହୋଇଥିବା ନିମ୍ନଲିଖିତ ମୁରବୀମାନେ ଯେଉଁମାନେ ନିଜର

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 19 OCT 2017 Issue No. 42

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍ ୨୦୧୭

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

**ବାକି ରିପୋର୍ଟ**

**୨୩ ଏପ୍ରିଲ୍ ୨୦୧୭**

**ନମାଜ ଯନାଜାଃ ହାଜିର ଓ ଗାଏବ୍**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ମରହୁମିନ୍‌ଙ୍କ ନମାଜ ଯନାଜାଃ ହାଜିର ପଢ଼ାଇଲେ । (ନମାଜ ଯନାଜାଃ ହାଜିର ଓ ଗାଏବ୍ ର ତଫସିଲ ରିପୋର୍ଟ ୨୫ ମଇ ୨୦୧୭ ଅଙ୍କରେ ପ୍ରକାଶ ହୋଇ ସାରିଛି)

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରକୁ ଆସି କିଛି ନିକାହ୍‌ର ଘୋଷଣା କଲେ ।

**ନିକାହ୍‌ର ଘୋଷଣା**

ହଜୁର୍ ଅନୁଓ୍ୱର ଅ:ବ:ଅ ତଶହୁଦ ତଉଜ ଏବଂ ଖୁତ୍‌ବା ନିକାହ୍‌ର ଆୟତ ଗୁଡିକ ପଢ଼ିବା ପରେ କହିଲେ 'ବର୍ତମାନ ମୁଁ କିଛି ନିକାହ ର ଏଲାନ୍ କରିବି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ୧୫ ଟି ନିକାହ୍ ର ଘୋଷଣା କଲେ-

୧-ଅଜିଜା ଅଇମନ୍ ଇନ୍ତିଆଜ୍ (ୱାକିଫାଏ ନୌ) ସୁପୁତ୍ରି ମୋକରମ୍ ଇନ୍ତିଆଜ୍ ଅହେମଦ୍ ସାହେବ୍ (କାଫିଲ୍ ଜର୍ମାନୀ) ଙ୍କ ନିକାହ ଅଜିଜମ୍ ଅମାଦ ଶାହିନ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମୁବଶିର୍ ଅହେମେଦ ଶାହିନ୍ ସାହେବ (ହେମ୍‌ବର୍ଗ ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୨-ଅଜିଜା ଅସାସା ରାଣା (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ଇମ୍‌ରାନ୍ ରାଣା ସାହେବ୍ (ଜର୍ମାନୀ) ଙ୍କ ନିକାହ ଅଜିଜମ୍ ନାଦହି ଅହେମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ହଫିଜ୍ ଅହେମଦ୍ ଶାହେବ (ଆଲନ୍ ଦୋରଫ ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୩-ଅଜିଜା ଖଲା ଆସିମ୍ ସୁପୁତ୍ରୀ ମୋକରମ୍ ଇର୍‌ଫାନ୍ ଆସିମ ସାହେବ (ଲଣ୍ଡନ)ଙ୍କ ନିକାହ ଅଜିଜମ୍ ସର୍ଫରାଜ୍ ଅହେମଦ୍ ଶେଖ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ଇଫ୍ତେଖାର୍ ଅହେମଦ୍ ଶେଖ୍ ସାହେବ (ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୪-ଅଜିଜା ନାଏଲା ଅରଶଦ୍ ସୁପୁତ୍ରୀ ମୋକରମ୍ ଅରଶଦ୍ ଅଲ୍ଲି ଖାନ୍ (ଜର୍ମାନୀ) ଙ୍କ ନିକାହ୍ ଅଜିଜମ୍ ଖୁରରମ୍ ଶାହିଦ୍ ସୁପୁତ୍ର ମୋକରମ୍ ଏଜାଜ୍ ଅହେମଦ୍ ଶାହିଦ୍ ସାହେବ୍ (ଜର୍ମାନୀ) ଙ୍କ ସହିତ ୧୨୦୦୦ ୟୁରୋ ହକ୍‌ମୋହର୍ ସହିତ ନିର୍ଦ୍ଧାରିତ ହେଲା ।

୫-ଅଜିଜା ସଲିକାଜିଆ ମଞ୍ଜୁର୍ (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ଶଦିର୍ ଅହେମଦ୍ ଜିଆ ଶାହେବ୍ (ଜର୍ମାନୀ) ଙ୍କ ନିକାହ ଅଜିଜମ୍ ମବ୍‌ରୁର୍ ଅହେମଦ୍ ମଞ୍ଜୁର୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମଞ୍ଜୁର୍ ଅହେମଦ୍ ତାହେର୍ ସାହେବ୍ (ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୬-ଅଜିଜା ତାହେରା ହମିଦ୍ (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ହନିଦୁଲ୍ଲାଃ ଜଫର୍ ସାହେବ୍ (ନ୍ୟାସିନାଲ୍ ସେକ୍ରେଟାରୀ ତେହ୍‌ରିକ୍ ଯଦିଦ୍ ଜର୍ମାନୀ) ଙ୍କ ନିକାହ ଅଜିଜମ୍ ସମୀର୍ ଅହେମଦ୍ ସୁପୁତ୍ର ମୋକରମ୍ ନସିମ୍ ଅହେମଦ୍ ସାହେବ (ଫ୍ରାଙ୍କଫ୍ରଟ୍ ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୭-ଅଜିଜା ଲବିହା ରହେମାନ୍ (ୱାକିଫେ ନୌ) ସୁପୁତ୍ରୀ ମୋକରମ୍ ହମୁଦୁର୍ ରହେମାନ୍ ଅହେମଦ୍ ସାହେବ୍ ମରହୁମ୍ (କାର୍ବନ ଜର୍ମାନୀ) ଙ୍କ ନିକାହ ଅଜିଜମ୍ ସହଦ୍ ମେହମୁଦ୍ ଚିମା (ୱାକିଫେ ନୌ) ସୁପୁତ୍ର ମୋକରମ୍ ନାଶିର୍ ମେହମୁଦ୍ ଚିମା ସାହେବ (ହେମ୍‌ବର୍ଗ ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୮-ଅଜିଜା ଇସ୍‌ରା ଟାସ୍ ସୁପୁତ୍ରୀ ମୋକରମ୍ ୟୁସୁଫ୍ ଟାସ୍ ସାହେବ୍ (ଫ୍ରାଙ୍କଫ୍ରଟ୍ ଜର୍ମାନୀ) ଙ୍କ ନିକାହ ଅଜିଜମ୍ ଇବରାର୍ ଶାହ୍ ସାହେବ୍ (ଜାମିଆ ଅହେମଦୀୟା ୟୁ.କେ ରୁ ପାସ୍ ଆଉଟ୍) ସୁପୁତ୍ର ମୋକରମ୍ ସୟଦ୍ ମହମ୍ମଦ୍ ଇକ୍‌ବାଲ୍ ଶାହ୍ ସାହେବ୍ ଙ୍କ ସହିତ ଅନୁଷ୍ଠିତ ହେଲା ।

୯-ଅଜିଜା ସୁମେରା ମାଜିଦ୍ ମଲକ୍ ସୁପୁତ୍ରୀ ମୋକରମ୍ ମଲକ୍ ଅବ୍‌ଦୁଲ ମାଜିଦ୍ ସାହେବ୍ ମରହୁମ୍ (କରାଚି ପାକିସ୍ତାନ) ଙ୍କ ସହିତ ଅଜିଜମ୍ ମଲକ ସଇଦୁଦ୍ଦିନ୍ ସାହେବ୍ (ମୁରବୀ ସିଲ୍‌ସିଲା ରବ୍ୱା) ସୁପୁତ୍ର ମୋକରମ୍ ମଲକ ସବାହୁଦିନ୍ ସାହେବ୍ (ରବ୍ୱା) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୧୦-ଅଜିଜା ସାଏଜା ଅହେମଦ୍ ସୁପୁତ୍ରୀ ମୋକରମ୍ ମୁବଶିର୍ ଅହେମଦ୍ ସାହେବ୍ (ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ମୁସ୍ତନସର୍ ଅହେମଦ୍ (ମୁରବୀ ସିଲ୍‌ସିଲା ଜର୍ମାନୀ) ସୁପୁତ୍ର ମୋକରମ୍ ବେଶାରତ୍ ଅହେମଦ୍ ସାହେବ୍ (ହେମ୍‌ବର୍ଗ ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୧୧-ଅଜିଜା ମହ୍ ଜବିନ୍ ସୁପୁତ୍ରୀ ମୋକରମ୍ ମକବୁଲ୍ ଅହେମଦ୍ ସାହେବ (ଜିଲ୍ଲା ସିଆଲକୋଟ୍) ଙ୍କ ନିକାହ୍ ଅଜିଜମ୍ ହାଫିଜ ମୁବଶିର ଅହେମଦ୍ ମୁରବୀ ସିଲ୍‌ସିଲା ସୁପୁତ୍ର ମୋକରମ୍ ମହମ୍ମଦ୍ ୟୁନୁସ୍ ସାହେବ୍ (ନସିରାବାଦ୍ ରବ୍ୱା) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୧୨-ଅଜିଜା ସିଦ୍‌ରା ସଲିମ୍ ସୁପୁତ୍ରୀ ମୋକରମ୍ ମହମ୍ମଦ୍ ଅଫ୍‌ଜଲ୍ ସଲିମ ସାହେବ୍ (ସଦର ଯମାତ୍ ନେଡ଼ା) ଙ୍କ ନିକାହ ଅଜିଜମ୍ ମସରୁର୍ ଅହେମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମୁବଶିର୍ ଅହେମଦ୍ ସାହେବ୍ (ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୧୩-ଅଜିଜା ବାସ୍‌ମା ୱସିମ୍ ଭଟି ସୁପୁତ୍ରୀ ମୋକରମ୍ ୱସିମ୍ ଅହେମଦ୍ ଭଟି ସାହେବ୍ (ସଦର ଯମାତ୍ ଗ୍ରୋନ୍‌ବର୍ଗ ଜର୍ମାନୀ) ଙ୍କ ନିକାହ ଅଜିଜମ୍ ମହମ୍ମଦ୍ ଫାତେହ୍ ଆସିଫ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମହମ୍ମଦ୍ ଅହେମଦ୍ ସାହେବ୍ (ଫ୍ରାଙ୍କଫ୍ରଟ୍ ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୧୪-ଅଜିଜା ସାଜେଦା ଉମର ସୁପୁତ୍ରୀ ମୋକରମ୍ ମହମ୍ମଦ୍ ଇର୍‌ଫାନ୍ ଶାକିର ସାହେବ୍ (ଜର୍ମାନୀ) ଙ୍କ ନିକାହ ଅଜିଜମ୍ ବାସିଲ୍ ଅହେମଦ୍ ମହମ୍ମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମହମ୍ମଦ୍ ଅକ୍‌ରମ୍ ଅଞ୍ଜୁମ୍ ସାହେବ (ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

୧୫-ଅଜିଜା ଅଜଲମ୍ ଚେଚନ୍ ସୁପୁତ୍ରୀ ମୋକରମ୍ ସେଲାହତିନ୍ ଚେଚନ୍ ସାହେବ୍ (ହେମ୍‌ବର୍ଗ ଜର୍ମାନୀ) ଙ୍କ ନିକାହ ଅଜିଜମ୍ ହନାନ୍ ଅହେମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ନସିର୍ ଅହେମଦ୍ ସାହେବ୍ (ସେକ୍ରେଟାରୀ ୱକ୍‌ଫେ ନୌ ହେମ୍‌ବର୍ଗ ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା ।

ନିକାହ୍ ଗୁଡ଼ିକର ଘୋଷଣା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ତାପରେ ଆପଣ ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପଢ଼ିବା ପରେ ହଜୁର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

⌘⌘⌘⌘⌘⌘⌘⌘⌘

**୨୪ ଅପ୍ରେଲ ୨୦୧୭ (ସୋମବାର)**

**ଫ୍ରାଙ୍କଫ୍ରଟ୍ (ଜର୍ମାନୀ) ରୁ ବାହାରିଲେ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୫:୧୫ ମିନିଟ୍‌ରେ ବଇତୁଲ୍ ସବୁହ୍‌ଠାରେ ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ଆପଣ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଆଜି ପ୍ରୋଗ୍ରାମ୍ ମୁତାବକ ଫ୍ରାଙ୍କଫ୍ରଟ୍ (ଜର୍ମାନୀ) ଲଣ୍ଡନ୍ (ବ୍ରିଟେନ୍) ନିମନ୍ତେ ଯାତ୍ରା କରିବାର ଥିଲା । ଫ୍ରାଙ୍କଫ୍ରଟ୍ ରିଜିଅନ୍ ଏବଂ ଆଖପାଖ ଯମାତ୍‌ର ଲୋକମାନେ ପୁରୁଷ ମହିଳା, ପିଲା ବୁଢ଼ା ଇତ୍ୟାଦି ବହୁ ସଂଖ୍ୟାରେ ଲୋକେ ନିଜ ପ୍ରିୟ ଆକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ପାଇଁ ସକାଳୁ ବଇତୁଲ୍ ସବୁହ୍‌ର ପ୍ରାଙ୍ଗଣରେ ଏକାଠି ହେବା ଆରମ୍ଭ କରିଦେଇଥିଲେ ।

ସକାଳ ୯:୫୦ ରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀରୁ ବାହାରକୁ ଆସିଲେ । ଛୋଟ ଛୋଟ ପୁଅ ଝିଅମାନେ ଦଳଦଳ ହୋଇ ବିଦାୟ ସଂଗୀତ ପଢୁଥିଲେ । ଯମାତ୍‌ର ଲୋକମାନେ ଦୁଇ ଧାଡ଼ିରେ ଛିଡ଼ା ହୋଇଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଲୋକମାନଙ୍କ ସହିତ ବହୁତ ସ୍ନେହର ସହିତ ପାଖାପାଖି ଦଶ ମିନିଟ୍ ସମୟ ବିତାଇଲେ । ପ୍ରତ୍ୟେକ ସାନ ଏବଂ ବଡ଼ ଲୋକେ ନିଜ ପ୍ରିୟ ଆକାଙ୍କୁ ଦର୍ଶନ କଲେ । ଜଣେ ବାପ ପୁଅ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଭିଡ଼ିଓ ପ୍ରସ୍ତୁତ କରୁଥିଲେ । ହଜୁର୍ ଅନୁଓ୍ୱର୍ ସେମାନଙ୍କୁ ନିଜ ପାଖକୁ ଡାକି କ୍ୟାମେରା ସମ୍ପର୍କରେ କିଛି କଥା ପଚାରି ବୁଝିଲେ । ଏହାପରେ ହଜୁର୍ ଅନୁଓ୍ୱର୍ ନିଜେ ସେହି ଦୁଇଜଣ ବାପ ପୁଅଙ୍କର ଭିଡ଼ିଓ ପ୍ରସ୍ତୁତ କଲେ । କି ଭାଗ୍ୟ !

ଠିକ୍ ଦଶଟା ସମୟରେ ହଜୁର୍ ଅନୁଓ୍ୱର୍ ଦୁଆ କରାଇଲେ ଏବଂ ସମସ୍ତଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan